ବର୍ଷ-୨୬, ସଂଖ୍ୟା-୧୧୫
ଭୁବନେଶ୍ୱର
୨୮, ଏପ୍ରିଲ୍ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୧୫
Bhubaneswar
28 April, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମୋଧାଙ୍କୁ ପୋଷାକ ଦେବାକୁ ମନା କରିଥିଲେ ଡିଜାଇନର୍



# ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ

## ୧୦୦ % ଶୁଳ୍କ ଛାଡ଼, ମିଳିବ ୫୦୦୦ ଅସ୍ଥାୟୀ ଭିସା

ନୂଆଦିଲ୍ଲୀ୨୭।୪(ମହାଭାରତ): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି । ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଏବଂ ନ୍ୟୁଜିଲାଣ୍ଡ ବାଣିଜ୍ୟ ମନ୍ତ୍ରୀ ଟୋଡ ମ୍ୟାକ୍‌ଲେଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ବାଣିଜ୍ୟିକ ଚୁକ୍ତି ଦୁଇ ଦେଶ ମଧ୍ୟରେ ଆର୍ଥିକ ସ୍ଥିତିକୁ ମଜବୁତ କରିବ ବୋଲି ଚୁକ୍ତି ପରେ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋଏଲ । ଏହି ଚୁକ୍ତି ଦ୍ୱାରା ନ୍ୟୁଜିଲାଣ୍ଡରେ ଭାରତୀୟ ଦ୍ରବ୍ୟ ଉପରେ ଶତ ପ୍ରତିଶତ ସୀମା ଶୁଳ୍କ ଛାଡ଼ ହେବା ସହିତ ଆଗାମୀ ୧୫ ବର୍ଷ ପର ?ୟ୍ୟନ୍ତ ୨୦ ବିଲିୟନ ଡଲାର ନିବେଶ କରିବାକୁ ନ୍ୟୁଜିଲାଣ୍ଡ ପ୍ରତିଶ୍ରୁତି ଦେଇଛି । ନ୍ୟୁଜିଲାଣ୍ଡ ଭାରତୀୟ ରପ୍ତାନି ଉପରେ ଲାଗୁ ହୋଇଥିବା ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି ।



ଏଫଟିଏ ଭାରତୀୟ ବୃତ୍ତିଗତମାନଙ୍କୁ ସୀମିତ ଅବଧି ପାଇଁ ନ୍ୟୁଜିଲାଣ୍ଡରେ କାମ କରିବାକୁ ଅନୁମତି ଦେଇଛି । ନ୍ୟୁଜିଲାଣ୍ଡରେ ବୃତ୍ତି ପାଇଁ ଯାଉଥିବା ଭାରତୀୟଙ୍କୁ ୫୦୦୦ 'ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିସା' ପ୍ରଦାନ କରାଯିବ । ଯାହାର ବୈଧତା ତିନି ବର୍ଷ ଯାଏଁ ରହିବ । ଭାରତରୁ ଶୁଳ୍କମୁକ୍ତ ମଦ ଏବଂ ସ୍ପିରିଟ୍ ଓ ନ୍ୟୁଜିଲାଣ୍ଡରୁ ମଦ ରିହାତି ଶୁଳ୍କ ସହିତ ବଜାରରେ ପ୍ରବେଶ କରିବ । ଯାହା ୧୦ ବର୍ଷ ମଧ୍ୟରେ ଧୀରେ ଧୀରେ ବନ୍ଦ କରାଯିବ । କପଡ଼ା, ପ୍ଲାଷ୍ଟିକ୍ ଉତ୍ପାଦ, ଚମଡ଼ା ସାମଗ୍ରୀ ଏବଂ ଇଞ୍ଜିନିୟରିଂ ଉତ୍ପାଦ ସମେତ ବିଭିନ୍ନ ପ୍ରକାରର ଭାରତୀୟ ସାମଗ୍ରୀ - ନ୍ୟୁଜିଲାଣ୍ଡ ବଜାରରେ ସମ୍ପୂର୍ଣ୍ଣ ବିନା ଶୁଳ୍କରେ ବିକ୍ରି କରାଯିବ ।ଏହି ଚୁକ୍ତିନାମା କୃଷି କ୍ଷେତ୍ରରେ ସହଯୋଗକୁ ମଧ୍ୟ ସୁଗମ କରିବ । ନ୍ୟୁଜିଲାଣ୍ଡ ଏହାର ପଶମ, ମଦ, କାଠ, କୋଇଲା ଏବଂ ଆଭୋକାଡୋ ଏବଂ ବ୍ଲୁବେରି ପରି ଫଳ ରପ୍ତାନିରୁ ଲାଭବାନ ହେବ । ଭାରତୀୟ ଚାଷୀମାନଙ୍କୁ କିୱି, ସେଓ ଚାଷ ଏବଂ ମହୁ ଉତ୍ପାଦନରେ ସହାୟତା କରିବା ପାଇଁ ଏକ ଯୋଜନା ଅନ୍ତର୍ଭୁକ୍ତ ରହିଛି ।

ଗତ ବର୍ଷ ଡିସେମ୍ବରରେ ନୂଆଦିଲ୍ଲୀ ଏବଂ ୱେଲିଂଟନର ଦଳଗୁଡ଼ିକ ଆଲୋଚନା ସମାପ୍ତ କରିବା ପରେ ଏହା ଆସିଛି । ଏହି ଚୁକ୍ତିନାମାରେ ମୋଟ ୨୦ଟି ଅଧ୍ୟାୟ ରହିଛି । ଯେଉଁଥିରେ ସାମଗ୍ରୀ ବାଣିଜ୍ୟ, ପ୍ରତିକାର, ବିବାଦ ସମାଧାନ, ଆଇନଗତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବିଷୟ ଅନ୍ତର୍ଭୁକ୍ତ । ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଏହା ନଅ ମାସ ମଧ୍ୟରେ ସମାପ୍ତ ହୋଇଛି, ଏବଂ ଏହାର ଗତି ଦୁଇ ଦେଶ ମଧ୍ୟରେ ବିଶ୍ୱାସର ଗଭୀରତା ଏବଂ ସହଭାଗୀ ମହତ୍ତ୍ୱାକାଂକ୍ଷା'କୁ ପ୍ରତିଫଳିତ କରେ । ଏହି ଏଫଟିଏ ସ୍ୱାକ୍ଷର କରିବା ବିକଶିତ ବିଶ୍ୱ ସହିତ ଭାରତର ସମ୍ପର୍କର ଆଉ ଏକ ନିର୍ଣ୍ଣାୟକ ମାଇଲଖୁଣ୍ଟ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୦୪୭ର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବ । ସେ ଆହୁରି କହିଛନ୍ତି ଯେ ପ୍ରାୟ ଚାରି ବର୍ଷ ମଧ୍ୟରେ ଏଫଟିଏର ଏହା ସପ୍ତମ ବାଣିଜ୍ୟ ଚୁକ୍ତିନାମା ଥିଲା ।

# ଓଡ଼ିଶାର ଡାଲମା ଖାଇଲେ ଜାପାନ ରାଷ୍ଟ୍ରଦୂତ

ଭୁବନେଶ୍ୱର, ୨୭।୪(ମହାଭାରତ): ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସଡବ୍ଲୁ ଓ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଏକ ଜଏଂଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, ''ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।''ରାଷ୍ଟ୍ରଦୂତ ମିଷ୍ଟର ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) । ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ରାତିରେ ବିରିୟାନୀ ଓ ତରଭୁଜ ଖାଇଲେ, ପରିବାରର ୪ ମୃତ

ମୁମ୍ବାଇ୨୭।୪(ମହାଭାରତ): ବିରିୟାନୀ ସହ ତରଭୁଜ ଖାଇବା ଗୋଟିଏ ପରିବାରକୁ ମହଙ୍ଗା ପଡିଛି । ପ୍ରଥମେ ବିରିୟାନୀ ଓ ବିଳମ୍ବିତ ରାତିରେ ପରିବାରର ୪ ଜଣ ତରଭୁଜ ଖାଇଥିଲେ । ଖାଇବା ପରେ ସମସ୍ତେ ଅଚିନ୍ତା ନିଜରେ ଶୋଇ ପଡିଥିଲେ । ହେଲେ ଭୋର ସମୟରେ ସମସ୍ତେ ଅସୁସ୍ଥ ହୋଇଥିଲେ ।



ଶେଷରେ ହସ୍ପିଟାଲରେ ବାପା, ମା' ଓ ୨ ନାବାଳିକା ଝିଅଙ୍କ ମୃତ୍ୟୁ ଘଟିଛି । ରାତି ପାହିଲା ବେଳକୁ ପୂରା ପରିବାର ନିଶ୍ଚିହ୍ନ ହୋଇ ଯାଇଛି । ସନ୍ଦିଗ୍ଧ ଫୁଡ ପଏଜନିଂ ଯୋଗୁ ମହାରାଷ୍ଟ୍ରରେ ଏତେ ବଡ ଦୁଃଖଦ ଘଟଣା ଘଟିଛି । ଏହି ଅପ୍ରତ୍ୟାଶିତ ଘଟଣା ପୂରା ମୁମ୍ବାଇରେ ଆଲୋଡନ ସୃଷ୍ଟି କରିଛି । ମୃତକମାନେ ହେଲେ ୪୦ ବର୍ଷୀୟ ଅବଦୁଲ୍ଲା ଡୋକାଡିଆ, ତାଙ୍କ ପତ୍ନୀ ୩୫ ବର୍ଷୀୟ ନସରୀନ, ୧୬ ବର୍ଷୀୟ ଝିଅ ଆୟେଶା ଓ ୧୩ ବର୍ଷୀୟ ଝିଅ ଜୈନାବ । ଏମାନେ ସମସ୍ତେ ପାୟଧୁନି ଅଞ୍ଚଳରେ ରହୁଥିଲେ । ସନ୍ଦେହଜନକ ଅବସ୍ଥାରେ ଏମାନଙ୍କ ମୃତ୍ୟୁ ଘଟିଛି ।

ଏପ୍ରିଲ ୨୫ରେ ପରିବାର ଲୋକ କିଛି ସମ୍ପର୍କୀୟଙ୍କୁ ଘରକୁ ଡାକିଥିଲେ । ସମସ୍ତେ ଏକାଠି ବରିୟାନୀ ଖାଇଥିଲେ । ବିଳମ୍ବିତ ରାତିରେ ଅବଦୁଲ୍ଲା, ତାଙ୍କ ପତ୍ନୀ ଓ ଦୁଇ ଝିଅ ତରଭୁଜ ଖାଇ ଶୋଇ ପଡିଥିଲେ । କିନ୍ତୁ ଭୋର ସମୟରେ ସେମାନଙ୍କ ଅବସ୍ଥା ବିଗିଡି ଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ୪ ଜଣ ଯାକ ଆଖି ବୁଜିଛନ୍ତି । ଡିସିପି ପ୍ରବୀଣ ମୁଣ୍ଡେ କହିଛନ୍ତି, "ଜେଜେ ମାର୍ଗ ପୁଲିସ ଷ୍ଟେସନରେ ଗୋଟିଏ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ ହୋଇଛି । ଗୋଟିଏ ପରିବାରର ୪ ଜଣ ପ୍ରାଣ ହରାଇଛନ୍ତି । ଏପ୍ରିଲ ୨୫ରେ ସେମାନେ ଘରକୁ କିଛି ସମ୍ପର୍କୀୟଙ୍କୁ ଡାକିଥିଲେ । ସମସ୍ତେ ଏକାଠି ରାତ୍ର ଭୋଜନ କରିଥିଲେ । ପ୍ରାୟ ୧୦.୩୦ରେ ସମ୍ପର୍କୀୟମାନେ ଚାଲି ଯାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ଅର୍ଥାତ ରାତି ପ୍ରାୟ ୧ଟା ବେଳେ ପରିବାରର ସ୍ୱାମୀ, ସ୍ତ୍ରୀ ଓ ଦୁଇ ଝିଅ ତରଭୁଜ ଖାଇଥିଲେ ।

# ମହମ୍ମଦ ମୋକିମ ଏବଂ ସୋଫିଆଙ୍କୁ ଭେଟିଲେ ସାଂସଦ ଦିଲ୍ଲୀପ ରାୟ

କଟକ ୨୭।୪(ମେହାଭାରତ): ମହମ୍ମଦ ମୋକିମ ଏବଂ ବିଧାୟିକା ସୋଫିଆ ଫିର୍‌ଦୋଷଙ୍କୁ ଭେଟିଲେ ସାଂସଦ ଦିଲ୍ଲୀପ ରାୟ । ଏହି ଭେଟଘାଟ ଓ ସାକ୍ଷାତ ଆଲୋଚନାକୁ ନେଇ ରାଜନୈତିକ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି । ସୋମବାର ସକାଳୁ ଦିଲ୍ଲୀପ ରାୟ ମା କଟକ ଚଣ୍ଡୀଙ୍କ ଦର୍ଶନ କରିବା ପରେ ସିଧା ମୋକିମଙ୍କ ବାସଭବନକୁ ଯାଇଥିଲେ । ସେଠାରେ ଦିଲ୍ଲୀପ ରାୟ ମୋକିମ୍ ଓ ସୋଫିଆଙ୍କୁ ଭେଟି ବେଶ୍ କିଛି ସମୟ ଆଲୋଚନା କରିଥିଲେ । ଏହି ସାକ୍ଷାତ ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦିଲ୍ଲୀପ କହିଛନ୍ତି,ମତେ ଭୋଟ ଦେଇ ଥିବାରୁ ମୁଁ କେବଳ କୃତଜ୍ଞତା ଜଣାଇବାକୁ ଆସିଥିଲି । ସୋଫିଆ ଓ ମୋକିମ୍ ଭାଇଙ୍କ ସହଯୋଗ ପାଇଁ ମୋର ବିଜୟ ହେଲା । ତେଣୁ ତାଙ୍କୁ କୃତଜ୍ଞତା ଜଣାଇବା ମୋର କର୍ତ୍ତବ୍ୟ ବୋଲି କହିଛନ୍ତି ଦିଲ୍ଲୀପ ରାୟ । ଏହା ଆଁ । ଏକ ରାଜନୈତିକ ଗସ୍ତ ନୁହେଁ ବୋଲି ଦିଲ୍ଲୀପ ସ୍ପଷ୍ଟ କରିଛନ୍ତି ।

# ଖୁବ୍ ଶୀଘ୍ର ପ୍ରକାଶ ପାଇବ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ଫଳ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୭।୪(ମହାଭାରତ) : ଖୁବ୍ ଶୀଘ୍ର ପ୍ରକାଶ ପାଇବ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ଫଳ । ଏନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ କହିଛନ୍ତି, ପରୀକ୍ଷା ପରିଚାଳନା ଠିକ୍ ଢଙ୍ଗରେ ହୋଇଥିଲା । ତ୍ରୁଟି ବିହୀନ ପରୀକ୍ଷା ପରିଚାଳନା ପରେ ଖୁବଶୀଘ୍ର ପିଲାଙ୍କ ରେଜଲ୍ଟ ବାହାରିବ । ଯଥା ସମୟରେ ପ୍ରକାଶ ପାଇବ ରେଜଲ୍ଟ । ଚଳିତ ବର୍ଷ ରାଜ୍ୟର ୫ ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ଖରା ପାଇଁ ଛାତ୍ରଛାତ୍ରୀଙ୍କୁ ସତର୍କ କଲେ ମନ୍ତ୍ରୀ । ଖରା ଛୁଟିରେ ଘରେ ରହି ପଢିବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ ।

ଜଗନ୍ନାଥ ମନ୍ଦିର ମଡେଲ୍‌ରେ ଲିଙ୍ଗରାଜ

# ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର,୨୭।୪(ମହାଭାରତ): ଲିଙ୍ଗରାଜ ମନ୍ଦିର ପାଇଁ ଆସୁଛି ଏକ ବଡ଼ ପରିବର୍ତ୍ତନ । ଶ୍ରୀଲିଙ୍ଗରାଜ ମନ୍ଦିରର ସଂସ୍କାର ଓ ସୁଚାରୁ ପରିଚାଳନା ପାଇଁ ଖୁବ ଶୀଘ୍ର ଏକ ସ୍ୱତନ୍ତ୍ର ଆଇନ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । ଏହାକୁ ନେଇ ଲୋକସେବା ଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କମିଟିର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଛି ।

କମିଟି ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ କହିଛନ୍ତି, ଏହି ରିପୋର୍ଟରେ ମନ୍ଦିରର ନୀତିକାନ୍ତି, ସୁରକ୍ଷା ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ଉପରେ ଦର୍ଶାଯାଇଛି । ଜାନୁଆରୀ ୨୦୨୬ରେ ପ୍ରଥମ ରିପୋର୍ଟ ଆସିଥିବା ବେଳେ, ଏହି ଦ୍ୱିତୀୟ ରିପୋର୍ଟ ମନ୍ଦିର ପରିଚାଳନାକୁ ଆହୁରି ସୁସ୍ଥିର କରିବାର ଦିଗରେ ବଡ଼ ପଦକ୍ଷେପ ମନାଯାଉଛି ।

ବିଶେଷ କଥା ହେଲା, ପୁରୀର ଜଗନ୍ନାଥ ମନ୍ଦିର ପରି ମଧ୍ୟ ଏଠାର ବ୍ୟବସ୍ଥା କରାଯିବ । ଏହି ରିପୋର୍ଟରେ ଭକ୍ତ, ସେବାୟତ, ASI ଓ ଆଇନ ବିଶେଷଜ୍ଞମାନଙ୍କ ମତାମତକୁ ସମ୍ମିଳିତ କରାଯାଇଛି । କମିଟି ଗଠନ ପରେ ମନ୍ଦିରରେ ବିଶୃଙ୍ଖଳା କମିଥିବା ଦେଖାଯାଉଛି, ଯାହା ଏହି ପଦକ୍ଷେପର ସଫଳତାକୁ ସୂଚାଉଛି ।

ଆଗାମୀ ଦିନରେ ଅଧିକ ମତ ସଂଗ୍ରହ କରି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବ ଏବଂ ପରେ ଏହାକୁ ଆଇନର ଆକାର ଦିଆଯିବ । ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶୃଙ୍ଖଳା, ସୁରକ୍ଷା ଓ ଭକ୍ତସେବାରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ।

# ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ଦାବି କଲା ବିଜେଡି

ଭୁବନେଶ୍ୱର,୨୭।୪(ମହାଭାରତ) ବିଜେଡିରେ ତୀବ୍ର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଓ ନେତୃତ୍ୱ ସଙ୍କଟକୁ ନେଇ ଲାଗି ରହିଥିବା ଅନିଶ୍ଚିତତତା ମଧ୍ୟରେ ଦଳ ଆଜି ନିଜର ୮ଜଣ ନିଲମ୍ବିତ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଲିଖିତ ଦାବି ଜଣାଇଛି । ଏହି ୮ବିଧାୟକଙ୍କ ନିଲମ୍ବନକୁ ମାସାଧିକ କାଳ ବିତିଯାଇଥିଲେ ବି ସେମାନଙ୍କର ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଲିଖିତ ଦାବି ଜଣାଇବାକୁ ୪୩ ଦିନ ସମୟ ନେଇଛି ବିଜେଡି ।

ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ପାଇଁ ନୁହେଁ ବରଂ 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ଓ 'ଦଳ ବିରୁଦ୍ଧରେ ଯାଇ କାର୍ଯ୍ୟ କରିଥିବା' ଭଳି ଅଭିଯୋଗମାନ ଆଣି ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛି ବିଜେଡି । ତେବେ ପ୍ରାୟ ୪୩ଦିନ ବିଳମ୍ବରେ ବାଚସ୍ପତିଙ୍କୁ ଲିଖିତ ଭାବେ ଅବଗତ କରିଥିବା ବିଜେଡି କିନ୍ତୁ ଶୀଘ୍ର ଏହି ଆବେଦନ ଉପରେ ନିଷ୍ପତ୍ତି ନେବାକୁ ଆଜି ଦାବି ଜଣାଇଛି ।

ବିଜେଡିର ବିଧାୟକମାନେ ଆଜି ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଦଳର ନିଲମ୍ବିତ ୮ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ପିଟିସନ୍ ଦାଖଲ କରିଛନ୍ତି । ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦଳର ବରିଷ୍ଠ ନେତା ଡକ୍ଟର ଅରୁଣ ସାହୁ କହିଛନ୍ତି ଯେ, ଏହି ୮ଜଣ ବିଧାୟକ ଦଳ ସହ ବିଶ୍ୱାସଘାତକତା କରିଛନ୍ତି । ରାଜ୍ୟସଭା ନିର୍ବାଚନ ପାଇଁ ଦଳର ମୁଖ୍ୟ ସଚେତକ ମାର୍ଚ୍ଚ ୧୩ରୁ ୧୬ ତାରିଖ ମଧ୍ୟରେ ଜାରି କରିଥିବା ନିର୍ଦ୍ଦେଶକୁ ଏହି ବିଧାୟକମାନେ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି । ଏହି ବିଧାୟକମାନେ କେବଳ କ୍ରସଭୋଟିଂ କରିନାହାନ୍ତି, ବରଂ ସାର୍ବଜନୀନ ଭାବେ ଦଳର ନେତୃତ୍ୱଙ୍କୁ ଅପମାନିତ କରିଛନ୍ତି ।



ନିର୍ବାଚନ ପୂର୍ବରୁ ଯେଉଁସବୁ ନିର୍ଦ୍ଦେଶ ଦଳ ପକ୍ଷରୁ ଦିଆଯାଇଥିଲା ତାକୁ ମଧ୍ୟ ଉଲ୍ଲଘଂନ କରିଛନ୍ତି । ସେମାନେ ଖୋଲାଖୋଲି ଭାବେ ଦଳର ନେତୃତ୍ୱ ଓ ନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।ଯାହାକି ସମ୍ବିଧାନର ଦଶମ ଅନୁସୂଚୀ ଅନୁସାରେ, 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ସହ ସମାନ । ଏହି ୮ ଜଣଙ୍କୁ ବିଜେଡି କେବଳ ନିଲମ୍ବନ କରି ନାହିଁ, ବରଂ ସେମାନଙ୍କ ସଦସ୍ୟତା ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ସବୁ ପ୍ରକାରର ଆଇନଗତ ପ୍ରମାଣ ଆଜି ବାଚସ୍ପତିଙ୍କ ପାଖରେ ଦାଖଲ କରିଛି ।

ଏହି ପ୍ରସଙ୍ଗରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀଙ୍କ ସହ ମଧ୍ୟ ଦଳ ପରାମର୍ଶ କରିଛି । ଶରଦ ଯାଦବଙ୍କ ସଭ୍ୟ ପଦ ଓ ହିମାଚଳ ପ୍ରଦେଶର ବିଧାୟକମାନଙ୍କ ସଭ୍ୟ ପଦ ଯେଭଳି ରଦ୍ଦ ହୋଇଛି ସେହି ଆଧାରରେ ବିଜେଡି ଏହି ବିଧାୟକମାନଙ୍କ ସଭ୍ୟ ପଦକୁ ତୁରନ୍ତ ରଦ୍ଦ କରିବା ପାଇଁ ବାଚସ୍ପତିଙ୍କ ନିକଟରେ ଦାବି ଜଣାଇଛି ବୋଲି ଡକ୍ଟର ସାହୁ କହିଛନ୍ତି ।ସେହିପରି ବିଜେଡି ମୁଖ୍ୟ ସଚେତକ ନେତ୍ରୀ ପ୍ରମିଳା ମଲ୍ଲିକ୍ ଚେତାବନୀ ଦେଇ କହିଛନ୍ତି ଯେ, ଯେଉଁମାନେ ବିଜେଡି ଟିକେଟରେ ଜିତି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଲେ, ସେମାନଙ୍କର ବିଧାନସଭାରେ ବସିବାର କୌଣସି ନୈତିକ ଅଧିକାର ନାହିଁ । ଦଳ ଏହି ଲଢେଇକୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନେବାକୁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଏହି ପ୍ରସଙ୍ଗରେ ବିଜେଡିକୁ ଆଇନର ପାଠ ପଢ଼ାଇଛନ୍ତି ବିଜେପି ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ,ବିଜେଡି ବୋଧହୁଏ 'ଆଣ୍ଟି-ଡିଫେକ୍ସନ ଲ' ବିଷୟରେ କିଛି ଜାଣିନାହାନ୍ତି । ଯେତେବେଳେ ଜଣେ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଏ, ସେ ସେହି ଦଳର ନିର୍ଦ୍ଦେଶ ପରିସରଭୁକ୍ତ ହୋଇ ରହନ୍ତି ନାହିଁ । ବିଜେଡି ଯେଉଁ ୮ ଜଣଙ୍କୁ ନିଲମ୍ବନ କରିଛି, ସେମାନଙ୍କ ଉପରେ ହୁଇପ୍ ଜାରି କରିବା ଆଇନଗତ ଭାବେ ହାସ୍ୟାସ୍ପଦ । ନିଜ ଦଳର ୮ ବିଧାୟକଙ୍କ ବିରୁଦ୍ଧରେ ପ୍ରାୟ ୪୩ଦିନ ବିଳମ୍ବରେ(ସାଧାରଣତଃ ଆପତ୍ତି ପାଇଁ ୪୫ଦିନର ଅବଧି ରହିଛି) ଲିଖିତ ଦାବି ଉପସ୍ଥାପନ କରିଥିବା ବିଜେଡି ଆଜି ତ୍ୱରିତ୍ ନ୍ୟାୟ ଆଶା କରିଛି । ଯଦିଓ ଆପତ୍ତିର ସମୟସୀମା ୪୫ଦିନ ସରିବାର ଠିକ୍ ୨ଦିନ ପୂର୍ବର ବାଚସ୍ପତି ସୁରମା ପା ?ୀଙ୍କୁ ସେମାନଙ୍କର ସଦସ୍ୟତା ରଦ୍ଦ ପାଇଁ ଲିଖିତ ଭାବେ ବିଜେଡି ଅବଗତ କରିଛି । ଏବେ ବାଚସ୍ପତିଙ୍କ କୋର୍ଟରେ ଏହି ବଲ୍ ରହିଛି । ସେ ଏହି ୮ ଜଣ ବିଧାୟକଙ୍କ ଭବିଷ୍ୟତ ନେଇ କି ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ମଧ୍ୟପ୍ରାଚ୍ୟ ଉତ୍ତେଜନା ତେଜିଲା: ପୁଣି ଟକରାଟକରି

ୱାସିଂଟ/: ନୂଆଦିଲ୍ଲୀ,୨୭।୪(ମହାଭାରତ):: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଉତ୍ତ ?ଜନା ବୃଦ୍ଧି ପାଉଛି । ହେଲେ ସେପଟେ ଇରାନର ବୈଦେଶିକ ମନ୍ତ୍ରୀଙ୍କ ରୁଷ ଗସ୍ତ ଡୋନାଲ୍ଡ ଟ୍ରମ୍ପଙ୍କୁ ଆହୁରି ଅସନ୍ତୁଷ୍ଟ କରିଛି । ଏବେ ସେ ଧମକ ଦେଇ କହିଛନ୍ତି ଯେ, ଯଦି ଇରାନ ତିନି ଦିନ ମଧ୍ୟରେ କୌଣସି ଚୁକ୍ତିରେ ସମାଧାନ ନକରେ, ତେବେ ଏହାର ତୈଳ ପାଇପଲାଇନରେ ଭୟଙ୍କର ବିସ୍ଫୋରଣ ହେବ । ଫକ୍ସ ନ୍ୟୁଜ୍ ସହିତ ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, ଇରାନ ଆଉ ତେଲ ରପ୍ତାନି କରିପାରିବ ନାହିଁ । ଅବରୋଧ ଯୋଗୁଁ ଇରାନ ଜାହାଜ ଦ୍ୱାରା ତେଲ ରପ୍ତାନି ହୋଇପାରୁନି । ଏବେ ପାଇପଲାଇନ ନଷ୍ଟ ହେବା ଦ୍ୱାରା ଏହାର ରପ୍ତାନି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ । ଇରାନର ବୈଦେଶିକ ମନ୍ତ୍ରୀ ପାକିସ୍ତାନରୁ ପୁଣିଥରେ ରୁଷ ପହଁଞ୍ଚିଛନ୍ତି ଏବଂ ପୁଟିନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ରୁଷ ଗଣମାଧ୍ୟମ ଏହା ସୁନିଶ୍ଚିତ କରିଛି । ଉଲ୍ଲେଖନୀୟ ଯେ ମେରାଜ ଏୟାରଲାଇନ୍ସ ଯେଉଁ ସ୍ୱତନ୍ତ୍ର ବିମାନରେ ଆବାସ ଆରାଘଚି ରୁଷ ଯାତ୍ରା କରିଥିଲେ ତାହା 'ମିନାବ ୧୬୮' । ଆମେରିକା-ଇସ୍ରାଏଲ ଆକ୍ରମଣରେ ମୃତ ସ୍କୁଲ ପିଲାଙ୍କ ସ୍ମୃତିରେ ଏହି ନାମ ଦିଆଯାଇଛି ।

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘାଚି କୁଟନେ ?ତିକ ଗସ୍ତରେ ରହିଛନ୍ତି । ସେ ଓମାନ ଯାତ୍ରା ପରେ ଇସଲାମାବାଦ ଫେରିଥିଲେ ଓ ସେଠାରୁ ରୁଷ ପହଁଞ୍ଚିଛନ୍ତି । ଯେଉଁଠି ତାଙ୍କର ସାକ୍ଷାତ ରାଷ୍ଟ୍ରପତି ବ୍ଲାଦିମିର ପୁଟିନଙ୍କ ସହିତ ହୋଇପାରେ । ଟ୍ରମ୍ପଙ୍କ ଏହି ବୟାନ ଏଭଳି ସମୟରେ ଆସିଛି, ଯେତେବେଳେ ଆମେରିକା ଇରାନ ଉପରେ ସମୁଦ୍ର ଓ ଆର୍ଥିକ ଚାପ ଲଗାତାର ବଢାଉଛି । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ହ୍ୱାଇଟ ହାଉସ ଡିନରରେ ହୋଇଥିବା ଫାୟାରିଂ ଭଳି ଘଟଣା ବି ତାଙ୍କ ଆଭିମୁଖ୍ୟକୁ ବଦଳାଇ ପାରିବନି । ଟ୍ରମ୍ପ କହିଛନ୍ତି ଏହା ମୋତେ ଇରାନ ବିରୋଧରେ ଯୁଦ୍ଧ ଜିତିବାକୁ ରୋକିପାରିବନି ।'





ଆରାଘାଚି ପାକିସ୍ତାନ ଜରିଆରେ ଆମେରିକା ପର୍ଯ୍ୟନ୍ତ ଲିଖିତ ବାର୍ତ୍ତା ପହଁଞ୍ଚାଇଛନ୍ତି, ଯେଉଁଥିରେ ପରମାଣୁ ଓ ହର୍ମୁଜ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି । ଇରାନ ଲିଖିତ ପ୍ରସ୍ତାବ ଟ୍ରମ୍ପଙ୍କୁ ପଠାଇଥିଲା, ଯାହାକୁ ସେ ତୁରନ୍ତ ଖାରଜ କରି ଦେଇଥିଲେ । ଟ୍ରମ୍ପ ଦାବି କରିଛନ୍ତି ପ୍ରଥମ ପ୍ରସ୍ତାବ ଖାରଜ ହେବା ପରେ ଇରାନ ଦ୍ୱିତୀୟ ପ୍ରସ୍ତାବ ପଠାଇଛି, ଯାହାକି ପୂର୍ବଠାରୁ ଭଲ ରହିଛି । ସେ କହିଛନ୍ତି, କଥା ହେବାକୁ ଏବଂ ଯିବା ଆସିବା କରିବାକୁ ବହୁତ ସମୟ ଲାଗିଥାଏ । ଏବେ ସବୁ କଥା ଫୋନ୍ ?ରେ ହେବ । ଇରାନ ଯେତେବେଳେ ଚାହିଁବ ତାଙ୍କୁ ଫୋନ୍ କରିପାରିବ । ସେଭଳି ଅନ୍ୟପକ୍ଷେ ଇରାନର କହିବା ଅନୁସାରେ, ଏବେ ଆଗକୁ ସବୁ କଥାବାର୍ତ୍ତା ମସ୍କ ?ାରେ ହେବ ।

ଇରାନର ଉପରାଷ୍ଟ୍ରପତି ଇସ୍‌ମାଇଲ ସାଗେବ ଏସ୍‌ଫାହାନି କହିଛନ୍ତି, ଯଦି ଇରାନର ଭିତ୍ତିଭୂମି ଓ ତେଲ କୂପ ଉପରେ ଆକ୍ରମଣ ହୁଏ ତେବେ ଇରାନ ଚାରିଗୁଣା ଭୟଙ୍କର ଆକ୍ରମଣ କରି ଜବାବ ଦେବ । ଏସ୍‌ଫାହାନି କହିଛନ୍ତି, ଆମ ଗଣିତ ଅଲଗା, ଗୋଟିଏ ତେଲ କୂପର ଜବାବ ଚାରିଟି ତେଲ କୂପ ଉପରେ ଆକ୍ରମଣ କରି ଦିଆଯିବ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଏହି ଚେତାବନୀ ଦେଇଛି । ଟ୍ରମ୍ପ ଇରାନର ତେଲ ପାଇପ୍‌ଲାଇନ୍ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିଲେ । ଇରାନର ସଂସଦୀୟ ବାଚସ୍ପତି ଏମ୍‌ବି ଗାଲିବାଫ ମଧ୍ୟ ଟ୍ରମ୍ପଙ୍କ ଧମକର ଜବାବ ଦେଇଛନ୍ତି । ସେ କହିଛନ୍ତି, ଇରାନର ଯୋଗାଣ ଆମେରିକାର ଚାହିଦା ସହିତ ସମାନ । ଗ୍ରୀଷ୍ମ ଋତୁ ହେଉଛି ତୈଳ ଚାହିଦାର ସର୍ବୋଚ୍ଚ ଋତୁ । ଏହାପରେ ଯଦି ହର୍ମୁଜ ପ୍ରଣାଳୀ ବନ୍ଦ ରହେ, ତେବେ ଆମେରିକାରେ ଗ୍ୟାସ୍ ଦର ଆକାଶ ଛୁଇଁବ, ତାହା ପୁଣି ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପୂର୍ବରୁ ବୋଲି ଗାଲିବାଫ କହିଛନ୍ତି ।

# ରାଜ୍ୟରେ ତାତିର ଜ୍ୱାଳା ଜାରି
## ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି

ଭୁବନେଶ୍ୱର,୨୭।୪ ୨୭।୪(କେଏନଏସ): : ପଶ୍ଚିମ ଓଡିଶାରେ ତାତିର ଜ୍ୱାଳା ଥମିବାର ନାଁ ନେଉନି । ଝାରସୁଗୁଡାରେ ଆଜି ପୁଣି ୪୪.୭ ଡିଗ୍ରି ସହ ସର୍ବ ?ାଚ୍ଚ ତାପମାତ୍ରା ରେକର୍ଡ ହୋଇଛି । ଏଥିସହ ବରଗଡରେ ୪୩.୯ ଡିଗ୍ରି, ବେ ?ଦ୍ଧରେ ୪୩.୫ ଡିଗ୍ରି, ବଲାଙ୍ଗୀରରେ ୪୩.୩ ଡିଗ୍ରି, ସମ୍ବଲପୁର, ନୂଆପଡାରେ ୪୩.୨ ଡିଗ୍ରି, ସୁନ୍ଦରଗଡ, ହୀରାକୁଦ, ଟିଟିଲାଗଡ ଓ ରାଉରକେଲାରେ ୪୩ ଡିଗ୍ରି ଲେଖାଏଁ ତାପମାତ୍ରା ରହିଛି । ଆଜି ରାଜ୍ୟର ୧୫ଟି ସହରର ତାପମାତ୍ରା ୪୦ ଡିଗ୍ରି ଅତିକ୍ରମ କରିଥିଲା । ଆସନ୍ତାକାଲି ମଧ୍ୟ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ହିଟ୍ ?ୱେଭ୍ ? ଜାରିରହିବ । ବିଶେଷ କରି ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ ଓ ସୁବର୍ଣ୍ଣପୁର ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଯୋଗୁଁ ୟେଲୋ ୱାର୍ଣ୍ଣିଂ ଜାରିହୋଇଛି । ଏଥିସହ ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ, ସୁନ୍ଦରଗଡ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ରାତି ବି ଗରମ ରହିବ । ତାପମାତ୍ରା ଅଧିକ ଯୋଗୁଁ ଶରୀର ଥଣ୍ଡା ହେବ ନାହିଁ । ଏଣୁ ଏହି ସବୁ ଜିଲ୍ଲା ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ପଶ୍ଚିମ ଓଡିଶା ଜଳୁଥିବା ବେଳେ କିନ୍ତୁ ଉପକୂଳ ଓଡିଶାର ତାତି କମିଛି । କଟକର ସର୍ବୋଚ୍ଚ ତାପମାତ୍ରା ୩୬.୮ ଡିଗ୍ରି ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରର ଥିଲା ୩୬.୫ ଡିଗ୍ରି । ଗୋପାଳପୁରରେ ୩୧.୪ ଡିଗ୍ରି, ପୁରୀରେ ୩୨.୪ ଡିଗ୍ରି, ବାଲେଶ୍ୱରର ୩୮.୩ ଡିଗ୍ରି ଲେଖାଏଁ ତାପମାତ୍ରା ରେକର୍ଡ ହୋଇଯାଇଛି । ତେବେ ତାପମାତ୍ରା କମ୍ ? ରହିଥିଲେ ବି ଉପକୂଳରେ ଆର୍ଦ୍ରତା ଅଧିକ ଯୋଗୁଁ ଗରମ ଓ ଗୁଳୁଗୁଳି ଅଧିକ ଅନୁଭୂତ ହେଉଛି ।

## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଢେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଢେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



**ଖବର**

## ରଣବୀର ସିଂହଙ୍କ କ୍ଷମାପ୍ରାର୍ଥନାକୁ ସ୍ୱୀକାର କଲେ କୋର୍ଟ




ଧୁରନ୍ଧର ଅଭିନେତା ରଣବୀର ସିଂହଙ୍କୁ କୋର୍ଟରୁ ମିଳିଲା ଆଶ୍ୱସ୍ତି । କର୍ଣ୍ଣାଟକ ହାଇକୋର୍ଟ ତରଫରୁ 'କାନ୍ତାରା ମିମିକ୍ରି କେସ୍' ରେ ରଣବୀରଙ୍କ ବିନା ସର୍ତ୍ତରେ କ୍ଷମାକୁ ସ୍ୱୀକାର କରାଯାଇଛି । ୨୫ ଏପ୍ରିଲରେ ରଣବୀର ଆଫିଡେବିଟ୍ ଦାଖଲ କରିଥିଲେ । କୋର୍ଟ ମୌଖିକ ଭାବେ ଏହି ମାମଲାକୁ ଶେଷ କରିବାକୁ ଶୁଣାଣି କରିଛନ୍ତି । ରଣବୀର ଆଗାମୀ ୪ ସପ୍ତାହ ଭିତରେ ମହିଶୁର ଚାମୁଣ୍ଡେଶ୍ୱରୀ ମନ୍ଦିରକୁ ଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏଯାଏଁ ରଣବୀରଙ୍କ ଅଫିସିଆଲ ମନ୍ତବ୍ୟ ଆସିନାହିଁ । ସେ କେବେ ଦର୍ଶନ କରିବାକୁ ଯିବେ ତାହା ଜଣାନାହିଁ ।କୋର୍ଟ ରଣବୀର ସିଂହଙ୍କ ଯାଚିକାଙ୍କ ଶୁଣାଣି କରିଛନ୍ତି । ରଣବୀରଙ୍କ ବିପକ୍ଷରେ ଦାୟର ହୋଇଥିବା ଏଫଆଇଆର ରଦ୍ଦ କରିବାକୁ ଦାବି କରିଥିଲେ । ରଣବୀରଙ୍କ ବିରୁଦ୍ଧରେ ମାମଲା ଗୋଆରେ ହେଉଥିବା ୫୬ତମ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ ଇଣ୍ଡିଆ ସମୟରେ ହୋଇଥିଲା । ସେତେବେଳେ ରଣବୀର ଫିଲ୍ମ କାନ୍ତାରା: ଚାପ୍ଟର ୧ରେ ରିଷଭ ସେଟ୍ଟୀଙ୍କ ଭୂମିକାକୁ ମିମିକ୍ରି କରିଥିଲେ । ରଣବୀରଙ୍କ ଉପରେ ଅଭିଯୋଗ ହୋଇଥିଲା କି, ସେ ଧାର୍ମିକ ଭାବନାକୁ ଆଘାତ ଦେବା ସହିତ ଚାମୁଣ୍ଡେଶ୍ୱରୀ ଦେବୀଙ୍କୁ ମହିଳା ଭୂତ ବୋଲି କହିଥିଲେ ।ତେବେ ୧୦ ଏପ୍ରିଲରେ ରଣବୀର ହାଇକୋର୍ଟକୁ କହିଥିଲେ, ଅଭିଯୋଗକାରୀଙ୍କ ସହିତ ବସି କ୍ଷମାପ୍ରାର୍ଥନା କରିବା ବିଷୟରେ ଆଲୋଚନା ହେବ । ତେବେ ୨୫ ତାରିଖରେ କୋର୍ଟ ତାଙ୍କ କ୍ଷମାକୁ ସ୍ୱୀକାର କରିଛନ୍ତି । ଏହି ମାମଲାରେ ରଣବୀରଙ୍କ ନାମରେ ୧୯୬, ୨୯୯ ଏବଂ ୩୦୨ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଥିଲା ।

## ଧୈର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ



ଥରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନକହି ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନକହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ୍ ନୁହେଁ ।

## ସାମାଜିକ ଜୀବନରେ ସ୍ୱଚ୍ଛତା



ସାଧାରଣତଃ ଆମେ ଚାରିପ୍ରକାରର ଜୀବନ ବଞ୍ଚିଥାଉ । ସାମାଜିକ ଜୀବନ, ପେସାଦାର ଜୀବନ, ପାରିବାରିକ ଜୀବନ ଏବଂ ବ୍ୟକ୍ତିଗତ ଜୀବନ । ସାମାଜିକ ଜୀବନ ପାରଦର୍ଶିତା, ପେସାଦାର ଜୀବନ ପରିଶ୍ରମ, ପାରିବାରିକ ଜୀବନ ପ୍ରେମ ଏବଂ ବ୍ୟକ୍ତିଗତ ଜୀବନ ପବିତ୍ରତା ଉପରେ ଆଧାରିତ । ଜୀବନର ଏହି ୪ଟି ଭାଗ ଶ୍ରୀମଦ୍ ଭାଗବତରେ ପରିଲକ୍ଷିତ ହୋଇଥାଏ । ସାମାଜିକ ଜୀବନରେ ପାରଦର୍ଶିତା ବା ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହାଭାରତରେ ଯେତେଜଣ ଚରିତ୍ରଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାମାଜିକ ଜୀବନରୁ ସ୍ୱଚ୍ଛତା ଦୂର ହୋଇଯାଇଥିଲା । ଦୁର୍ଯ୍ୟୋଧନ କାହିଁକି ଦୁର୍ଯ୍ୟୋଧନ(କୁଟୀଳ) ହୋଇଥିଲା, ସେ ସମ୍ପର୍କରେ ଭାଗବତରେ ବର୍ଣ୍ଣନା କରାଯାଇଛି । ଏହାର କାରଣ ହେଉଛି ଜନ୍ମ ନେବା ପରେ ଦୁର୍ଯ୍ୟୋଧନକୁ ତା'ର କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିନଥିଲା । ବଡ଼ ହେବା ପରେ ଦୁର୍ଯ୍ୟୋଧନ ପ୍ରଥମେ ପଚାରିଲା, ମୋ ମା' ଅନ୍ଧ କାହିଁକି ହୋଇଛି ? ରାଜମହଲରେ ତା'କୁ କେହି ଉତ୍ତର ଦେଲେ ନାହିଁ । କାରଣ ସମସ୍ତେ ଜାଣିଥିଲେ ଯେ ଗାନ୍ଧାରୀ ନିଜ ଶ୍ୱଶୁର ଭୀଷ୍ମଙ୍କ କାରଣରୁ ପଟି ବାନ୍ଧିଛନ୍ତି । ଭୀଷ୍ମ ଚାପ ପ୍ରୟୋଗ କରି ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହ କରାଇଥିଲେ । ଭୀଷ୍ମ ଭାବିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯଦି ଜଣେ ଯୋଗ୍ୟ ଯୁବତୀଙ୍କ ସହ ବାହାଘର କରିଦିଆଯାଏ, ତେବେ ହସ୍ତିନାପୁରର ରାଜ ସିଂହାସନ ଭଲରେ ଚାଲିବ । ମାତ୍ର ପତି ଅନ୍ଧ ବୋଲି ଜାଣିବା କ୍ଷଣି ଗାନ୍ଧାରୀ ଆଜୀବନ ସ୍ୱେଚ୍ଛାରେ ଅନ୍ଧତ୍ୱ ସ୍ୱୀକାର କରିନେଇଥିଲେ । କିନ୍ତୁ ଦୁର୍ଯ୍ୟୋଧନ ଭାବିଲା- ମୋ ମା' ପ୍ରତି ଅନ୍ୟାୟ ହୋଇଥିବାରୁ ସେ ଆଖିରେ ପଟି ବାନ୍ଧିବା ଲାଗି କାର୍ଯ୍ୟ କଲେ । ତେଣୁ ସାମାଜିକ ଜୀବନରେ ପାରଦର୍ଶିତା ଜରୁରି । ଭୀଷ୍ମଙ୍କ ଭାବନା ବିଷୟରେ ଅବଗତ ହୋଇଥିଲେ, ଦୁର୍ଯ୍ୟୋଧନ ମନରେ ଏତେମାତ୍ରାରେ ଘୃଣା ଉତ୍ପନ୍ନ ହୋଇନଥାଏ ।

## ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ରେଶମ ଆସନର ପ୍ରୟୋଗ କରିବା ଶୁଭ





ଶାସ୍ତ୍ର ଅନୁଯାୟୀ ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ଆସନର ପ୍ରୟୋଗ କରିବା ଉଚିତ । ଆସନ ବିନା ଭୂମିରେ ପୂଜାପାଠ କରିବା ଦ୍ୱାରା ଦୁଃଖ ପ୍ରାପ୍ତି ହୋଇଥାଏ । ଧାର୍ମିକ କାର୍ଯ୍ୟ ପୂଜାପାଠ, ଯଜ୍ଞ, ପ୍ରାର୍ଥନା ଆଦି କରିବା ସମୟରେ ଆସନର ପ୍ରୟୋଗ କରାଯାଇଥାଏ । ପୂଜାପାଠ ମନ୍ଦିରରେ ହେଉ ଅଥବା ଗୃହରେ ବସିବା ଅବସ୍ଥାରେ ପୂଜା କରିବା ସମୟରେ ଆମକୁ ଆସନର ବ୍ୟବହାର କରିବାକୁ ପଡ଼େ । ଶାସ୍ତ୍ରରେ ଏପରି କରିବାର କାରଣ ବିଷୟରେ ମଧ ବର୍ଣ୍ଣନା କରାଯାଇଛି । ପ୍ରତିଦିନ ପୂଜା କରିବା ସମୟରେ କିଭଳି ଆସନ ବ୍ୟବହାର କରିବା ଉଚିତ, ତାହା ମଧ ଜାଣିବା ଆବଶ୍ୟକ । ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ରେଶମ ଓ ତାଳପତ୍ରରେ ପ୍ରସ୍ତୁତ ଆସନର ପ୍ରୟୋଗ କରିବା ଖୁବ ଶୁଭ ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ, ଜୀବନରେ ସୁଖଶାନ୍ତି ପ୍ରାପ୍ତି ହେବା ସହ ବାଧାବିଘ୍ନ ଦୂର ହୋଇଥାଏ । ସେଭଳି ବାଉଁଶରେ ନିର୍ମିତ ଆସନରେ ବସି ପୂଜାପାଠ କିମ୍ବା ମନ୍ତ୍ର ଜପ କରିବା ଉଚିତ ନୁହେଁ । ଏପରି କରିବା ଦ୍ୱାରା ଦରିଦ୍ରତା ଆସିଥାଏ । ପଥର କିମ୍ବା ଇଟାରେ ବସି ପୂଜାର୍ଚ୍ଚନା ଓ ମନ୍ତ୍ର ଜପ କରିବା ଦ୍ୱାରା ରୋଗ ଲାଗି ରହିଥାଏ । କାଠରେ ନିର୍ମିତ ଆସନ ପ୍ରୟୋଗ କରିବା ଦ୍ୱାରା ଦୁର୍ଭାଗ୍ୟ ପ୍ରାପ୍ତି ହୋଇଥାଏ । ଘାସର ଆସନରେ ପୂଜାର୍ଚ୍ଚନା କରିବା ଦ୍ୱାରା ଯଶ କିର୍ତି ନଷ୍ଟ ହୋଇଥାଏ । ପତ୍ରରେ ପ୍ରସ୍ତୁତ ଆସନରେ ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ମନ ବ୍ୟସ୍ତ ରହିଥାଏୟ



## ପେଟ ପାଇଁ ଲାଭଦାୟକ ଏସବୁ ଜିନିଷ



ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ପେଟ ଠିକ ଭାବେ କାମ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ । ଲିଭରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ନିହାତି ଜରୁରୀ । ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ପେଟ ସମ୍ବନ୍ଧିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ । ଆଜି ଆମେ ଜାଣିବା ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ କେଉଁ ଜିନିଷ ସାମିଲ କରିବା ଉଚିତ୍ । ଏହି ଜିନିଷ ଗୁଡ଼ିକୁ ଡାଏଟରେ ସାମିଲ କରିବା ଦ୍ୱାରା ଆପଣ ରୋଗମୁକ୍ତ ରହିବେ ।

୧. ବିଟ୍ : ବିଟ୍ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ ବିଟକୁ ସାମିଲ କରନ୍ତୁ । ବିଟରେ ଆଣ୍ଟିଅକ୍ସିଡାଣ୍ଟ୍, ମିନେରାଲ୍ସ ଏବଂ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ । ଏହା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

୨. କୋଳି : କୋଳିରେ ଏନ୍ଥୋସାୟନିନ ଥାଏ ଯାହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ କୋଳି ସାମିଲ କରିବା ଉଚିତ୍ । କୋଳି ସେବନ କରିବା ଦ୍ୱରା ଆପଣ ସୁସ୍ଥ ଏବଂ ଫିଟ୍ ରହିବେ ।

୩. ଟଭା ଲେମ୍ବୁ: ପେଟ ପାଇଁ ଟଭା ଲେମ୍ବୁ ସେବନ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଟଭାଲେମ୍ବୁରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ ଯାହା ପେଟର କୋଶିକାଗୁଡ଼ିକ ରକ୍ଷା କରିବାରେ ସହାୟକ ହୋଇଥାଏ ।

୪. ଚେର-ମୂଳି ଜାତୀୟ ଖାଦ୍ୟ : ଚେର-ମୂଳି ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ ଚେର-ମୂଳି ଜାତୀୟ ଖାଦ୍ୟ ସାମିଲ କରିବା ଉଚିତ୍ ।

୫. କଫି : ସୀମିତ ମାତ୍ରାରେ କଫି ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । କଫି ସେବନ କରିବା ଦ୍ୱାରା ପେଟ ସମ୍ବନ୍ଧିତ ସମସ୍ୟାରୁ ସୁରକ୍ଷିତ ରହିହେବ ।

# ବିଧାନସଭାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୭।୪ (ମହାଭାରତ): ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭୁବନେଶ୍ୱର (ଏକାମ୍ର) ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବିକାଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ। ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ।

# ଇନର୍ ହ୍ୱିଲ୍ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍ ଚାର୍ଟର ଉପସ୍ଥାପନ

ଭୁବନେଶ୍ୱର, ୨୭।୪ (ମହାଭାରତ): ଇନର୍ ହ୍ୱିଲ୍ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍‌ର ଚାର୍ଟର ଉପସ୍ଥାପନା ଅତ୍ୟନ୍ତ ଉଚ୍ଚକୋଟୀର ଏବଂ ଆଗ୍ରହ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଶିଷ୍ଟ ବ୍ୟକ୍ତିବିଶେଷ, ସଦସ୍ୟଗଣ ଏବଂ ଅତିଥିମାନେ ସେବା ଓ ଭଗିନୀ ସମ୍ପର୍କର ଏକ ପ୍ରେରଣାଦାୟୀ ସନ୍ଧ୍ୟା ନିମନ୍ତେ ସମବେତ ହୋଇଥିଲେ। ଉତ୍ସବରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀ, ସେକ୍ରେଟାରୀ ଶ୍ରୀମତୀ ପୁଷ୍ପା ହରିଚନ୍ଦନ, ଏଡିଟର ଶ୍ରୀମତୀ ଆରତୀ ବଡପଣ୍ଡା ଏବଂ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍‌ର ପ୍ରେସିଡେଣ୍ଟ ଶ୍ରୀ ଆଦିତ୍ୟ ପ୍ରସାଦ ପାଢୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଗଣ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଏକ ଉଲ୍ଲେଖନୀୟ ବିଷୟ ଥିଲା ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀଙ୍କ ଦ୍ୱାରା ଚାର୍ଟରର ନୂଆ ପ୍ରେସିଡେଣ୍ଟ ଡ.ସସ୍ମିତା ସାହୁଙ୍କୁ ଇନର୍ ହ୍ୱିଲ୍ ବ୍ୟାଜ୍ ଏବଂ କୋଲାର ଆନୁଷ୍ଠାନିକ ଭାବରେ ହସ୍ତାନ୍ତର କାର୍ଯ୍ୟ। ଏହା ଆନୁଷ୍ଠାନିକ ସ୍ଥାପନା ଏବଂ ନେତୃତ୍ୱ ଆରମ୍ଭର ପ୍ରତୀକ ହୋଇଥିଲା। ଚାର୍ଟର ସେକ୍ରେଟାରୀ ଶ୍ରୀମତୀ ସୀତା ରାଣୀ ପଣ୍ଡା, ଆଇଏସ୍‌ଓ ଶ୍ରୀମତୀ ସଞ୍ଜୁ ପାତ୍ର ଏବଂ ଟ୍ରେଜରର୍ ଶ୍ରୀମତୀ ସ୍ୱପ୍ନିତା ତ୍ରିପାଠୀଙ୍କୁ ମଧ୍ୟ କୋର୍ ଟିମ୍‌ର ଅଂଶ ଭାବରେ ପରିଚିତ କରାଯାଇଥିଲା। ଏହି ଅବସରକୁ ଏକ ଅର୍ଥପୂର୍ଣ୍ଣ ଦିଗ ପ୍ରଦାନ କରିବାକୁ ଯାଇ କ୍ଲବ ପକ୍ଷରୁ ପରିଣୀତା ସହଯୋଗରେ ଅବହେଳିତ ଝିଅମାନଙ୍କୁ ପୋଷାକ ବଣ୍ଟନ ଭଳି



ହୃଦୟସ୍ପର୍ଶୀସେବା କାର୍ଯ୍ୟ ହାତକୁ ନିଆଯାଇଥିଲା। ଶ୍ରୀମତୀ ବାଗ୍ମୀ ବିଶ୍ୱାଳ ଧନ୍ୟବାଦ ପ୍ରସ୍ତାବ ଦେବା ଅବସରରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିବିଶେଷ, ସଦସ୍ୟବୃନ୍ଦ ଏବଂ ଅଂଶଗ୍ରହଣକାରୀଙ୍କୁ କାର୍ଯ୍ୟକ୍ରମର ବିପୁଳ ସଫଳତା ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା



କଟକ, ୨୭।୪ (ମହାଭାରତ): 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି 'ପରିବେଶ ସୁରକ୍ଷା ଓ ଆମ ଦାୟୀତ୍ୱ' ଶୀର୍ଷକ ପ୍ରସଙ୍ଗ ଉପରେ ଅଲୋଚନା କରିଥିଲେ। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦ□ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଇଂ ହରିହର ସେଠୀ ଓ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ ବ□ମାନ ଯୁଗରେ ପରିବେଶବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ରୂପେ କୁନଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ। କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ପ୍ରଫେସର ଡକ୍ଟର ଲବଙ୍ଗଲତା ବିଶୋଇ, ସ୍ନେହଲତା ଦ୍ୱିବେଦୀ, ଡକ୍ଟର ଶୁଭଶ୍ରୀ ପଟ୍ଟନାୟକ, କ୍ଷୀରୋଦ ଜେନା, ଉ□ମ ଚରଣ ପ୍ରଧାନ, ଗୀତାଞ୍ଜଳି ନାୟକ, ମନୋଜ ବସନ୍ତରାୟ, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ରଂଜନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣିଷକୁ ଜାଗ୍ରତ ଓ ସକାରାତ୍ମକ କାର୍ଯ୍ୟ ପାଇଁ ପ୍ରେରିତ କରିବାର ମୂଳ ମନ୍ତ୍ର ହେଉଛି 'ଅସ୍ମିତା'

ଭୁବନେଶ୍ୱର, ୨୭।୪ (ମହାଭାରତ): ଅସ୍ମିତା ଏକ ଦାର୍ଶନିକ ବିଷୟ । ଅସ୍ମିତା ହିଁ ଆମର ପ୍ରକୃତ ପରିଚୟ ଓ ଶାଶ୍ୱତ ଐତିହ୍ୟ। ଯେଉଁ ଚିନ୍ତାଧାରା ମଣିଷକୁ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରେ, ନିଜ ମାଟି ପାଇଁ ଗର୍ବିତ ହେବାର ସୁଯୋଗ ଦିଏ ଏବଂ ମହତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ମନୋବଳକୁ ଦୃଢ଼ୀଭୂତ କରେ, ତାହା ହିଁ ପ୍ରକୃତ ଅସ୍ମିତା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

'ସମ୍ବାଦ'ର ଅନୁଗୋଳ ସଂସ୍କରଣର ୨୬ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ ଓଡ଼ିଆ ଅସ୍ମିତାର ପ୍ରାସଙ୍ଗିକତା ଓ ରାଜ୍ୟର ବିକାଶ ଧାରା ଉପରେ ଏକ ମାର୍ମିକ ଅଭିଭାଷଣ ପ୍ରଦାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅସ୍ମିତା ଏକ ଗଭୀର ଦାର୍ଶନିକ ବିଷୟ, ଯାହା ବ୍ୟକ୍ତିକୁ ଜାଗ୍ରତ ଓ ସକାରାତ୍ମକ କରିବା ସହ ଜୀବନରେ ସନ୍ତୁଳନ ରକ୍ଷା କରିବାକୁ



ପ୍ରେରଣା ଦେଇଥାଏ। ୨୦୩୬ ମସିହାରେ ଯେତେବେଳେ ଓଡ଼ିଶା ଭାଷା ଭିତିରେ ଗଠନ ହେବାର ଶହେ ବର୍ଷ ପୂରଣ କରିବ, ସେତେବେଳେ ଆମର ଲକ୍ଷ୍ୟ ପୂରଣ ପାଇଁ ଅସ୍ମିତାର ଏହି ତତ୍ୱ ଓ ଉନ୍ମାଦନା ହିଁ ସାରଥି ସାଜିବ । ଆଗାମୀ ପିଢ଼ି ପାଇଁ ଏକ ସ୍ୱର୍ଣ୍ଣିମ ଓଡ଼ିଶା ଗଠନ କରିବାକୁ ହେଲେ ଆମକୁ ଏବେଠାରୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ, ଯାହାର ମୂଳ ମନ୍ତ୍ର ହେବ ଓଡ଼ିଆ ଅସ୍ମିତା ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବାଦର ଏହି ୨୬ ବର୍ଷର ଗୌରବମୟ ଯାତ୍ରା କେବଳ ଏକ ଖବରକାଗଜର ସୀମିତ ପରିସର ମଧ୍ୟରେ ନାହିଁ, ବରଂ ଏହା ଅନୁଗୋଳ ଜିଲ୍ଲାର ଅର୍ଥନୈତିକ ବିକାଶ, ସାମାଜିକ ସଂଘର୍ଷ ଏବଂ ସଫଳତାର ଏକ ଜୀବନ୍ତ ଦସ୍ତାବିଜ୍ । ଜଣେ ନିଷ୍ଠାପର ପାଠକ ଭାବେ ସେ ଅନୁଭବ କରନ୍ତି ଯେ, ସମ୍ବାଦ ଆଜି ଓଡ଼ିଶାର ପ୍ରତିଟି ଘରେ ଏକ ବିଶ୍ୱାସର ପ୍ରତୀକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି ଏବଂ ରାଜ୍ୟରେ ସ୍ୱଚ୍ଛ ତଥା ରୁଚିପୂର୍ଣ୍ଣ ସାମ୍ବାଦିକତାର ଏକ ନୂତନ ମାନଦଣ୍ଡ ସୃଷ୍ଟି କରିଛି। ବିଭିନ୍ନ ଖବର ପ୍ରକାଶନୀ ସଂସ୍ଥାର ଆଞ୍ଚଳିକ ସଂସ୍କରଣର ଗୁରୁତ୍ୱ ଅଧିକ ବୋଲି କହିବା ସହ ଗତି ଓ ଶକ୍ତି ଏକାଠି ହେଲେ ଅନୁଗୋଳ ଆଗକୁ ବଢ଼ିବ ବୋଲି ସେ ମତପ୍ରକାଶ କରିଥିଲେ । ସମ୍ବାଦର ସାମାଜିକ ପ୍ରତିବଦ୍ଧତାକୁ ପ୍ରଶଂସା କରି ମନ୍ତ୍ରୀ କହିଛନ୍ତି ଯେ, କେବଳ ଖବର ପରିବେଷଣ ନୁହେଁ, ବରଂ 'ସାହିତ୍ୟ ଘର', 'ରକ୍ତଦାନ ଶିବିର' ଏବଂ 'ପୁନଶ୍ଚ ପୃଥିବୀ' ଭଳି ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବାଦ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ପାଇଁ ଜନମତ ସୃଷ୍ଟି କରିପାରିଛି । ଏହି ଅବସରରେ ସେ ସମ୍ବାଦ ସଂସ୍କରଣ ସହ ଜଡ଼ିତ ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ସମ୍ବାଦର ଏହି ନିରନ୍ତର ଉଦ୍ୟମ ଜାରି ରହୁ ବୋଲି ଆଶା ପ୍ରକଟ କରିଛନ୍ତି।

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି ନାଟକ କରୁଛି: ବିଜେଡି

ଭୁବନେଶ୍ୱର, ୨୭।୪ (ମହାଭାରତ): ୨୦୨୩ ମସିହାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ମହିଳା ସଂରକ୍ଷଣ ବିଲ ସଂସଦର ଉଭୟ ଗୃହରେ ପାରିତ ହେବା ସହିତ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲେ ମଧ ଏହାକୁ ୨୦୨୪ ନିର୍ବାଚନରେ ଲାଗୁ କରି ନଥିବା ବିଜେପି ଏବେ ବିରୋଧୀଙ୍କ ଅସହଯୋଗ ଯୋଗୁ ମହିଳା ସଂରକ୍ଷଣ ବିଲ ପାରିତ ହେଲା ନାହିଁ ବୋଲି ମିଛ ଅଭିଯୋଗ କରି ବିଜେପି ଯେଉଁ ଜନଆକ୍ରୋଶ ରାଲି ନାମରେ ଦେଶରେ ନାଟକ କରୁଛି । ମହିଳା ମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ କରିଥିବା ବିଜେପି ସେହି ମହିଳା ମାନଙ୍କୁ ବ୍ୟବହାର କରି ତାଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରୁଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଏବଂ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପିର ଏହି ମିଛ ପ୍ରଚାର ଉପରେ ବର୍ଷିଥିଲେ।



ଶ୍ରୀମତୀ ଦେଓ କହିଥିଲେ, ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନରେ ୨୦୨୩ ମସିହାରେ, ଦେଶର ସଂସଦ ଓ ବିଧାନସଭାରେ ମହିଳା ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା । ସମସ୍ତେ ଆଶା କରିଥିଲେ, ଏହାକୁ ତୁରନ୍ତ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯିବ । କିନ୍ତୁ, ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଏହାକୁ ଲାଗୁ କରି ନଥିଲା । ୨୦୨୬ ମସିହାରେ ଜନ ଗଣନା ହେବାକୁ ଯାଉ ଥିବାରୁ ଏହି ଜନ ଗଣନା ଆଧାରରେ ସଂସଦ ଓ ବିଧାନସଭା ଆସନ ଗୁଡିକର ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ ଏହାକୁ ଲାଗୁ କରାଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା । କିନ୍ତୁ, ଦେଶର ପାଂଚଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ହଠାତ ସଂସଦର ବିଶେଷ ଅଧିବେଶନ ଡାକି ମହିଳା ସଂରକ୍ଷଣ ସହିତ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ପାରିତ କରାଯିବାକୁ ଉଦ୍ୟମ କରାଗଲା । ଯେହେତୁ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣରେ ଓଡିଶା ସମେତ ସମସ୍ତ ଦକ୍ଷିଣାଂଚଳ ଓ ପୂର୍ବତର ରାଜ୍ୟ ଗୁଡିକର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ଦଳ ମାନେ ଏହାକୁ ସମର୍ଥନ ଦେଇ ନଥିଲେ । ଏହି ବିଲ କାଟ ଖାଇଯିବା ପରେ ବିଜେପି ବିରୋଧୀ ଦଳ ମାନଙ୍କୁ ମହିଳା ବିରୋଧୀ କହି ନାଟକ କରୁଛି । ବିଜେପିର ଏହି ମିଛକୁ ସମଗ୍ର ଦେଶବାସୀ ବେଶ ଭଲ ଭାବେ ବୁଝିଛନ୍ତି । ମହିଳାଙ୍କୁ ନ୍ୟାୟ ଦେବାକୁ ଟାଳଟୁଳ ନିତି ଅବଲମ୍ବନ କରି ଆସୁଥିବା ବିଜେପି ଏବେ ନିଜକୁ ମହିଳାଙ୍କ ହିତେୟେସୀ ଭାବେ ଦେଖେଇବାକୁ ଉଦ୍ୟମ କରୁଛି ।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ୨୦୨୩ ମସିହାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବା ପରେ, ୨୦୨୪ ନିର୍ବାଚନରେ ଲାଗୁ କରିବା ନେଇ ବିଜେପି ଦ୍ୱାରା ଏକ ବାହାନାବାଜି ମାଧ୍ୟମରେ ଏହାକୁ ଟାଳି ଦିଆଯାଇଥିଲା । ଏହାଛଡା, ୨୦୨୪ ସାଧାରଣ ନିର୍ବାଚନରେ ମଧ ବିଜେପି ତରଫରୁ ମହିଳା ମାନଙ୍କୁ ପ୍ରାର୍ଥୀ କରିବା କ୍ଷେତ୍ରରେ ଆଦୌ ଅଗ୍ରାଧିକାର ଦିଆଯାଇନଥିଲା । ଅପରପକ୍ଷରେ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲେ ।

# ମା' ସନ୍ତୋଷୀ ଦେବୀଙ୍କ ୧୯ତମ ବାର୍ଷିକୋତ୍ସବ

ଭୁବନେଶ୍ୱର, ୨୭।୪ (ମହାଭାରତ): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ପିପିଲିରୁ ଏକ ଘ□ୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୩ ତାରିଖରେ ମା' ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୨୪ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୨୫ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ।

ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୩୮ ନମ୍ବର ନୂଆପଲ୍ଲୀ ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡ଼ର କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ କୁମାର ପଣ୍ଡା ଓ ସୁମନ୍ତ ପଣ୍ଡା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ସମାଜସେବୀ ସମରେନ୍ଦ୍ର ଜେନା ଓ ନେହେରୁ ସେନାପତି, ବରମୁଣ୍ଡା ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ନାରାୟଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ତପନ ସାହୁ, ରବୀନ୍ଦ୍ର ପ୍ରଧାନ ଓ ସରୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ସନ୍ତୋଷୀ ଦେବୀଙ୍କ ମନ୍ଦିରର ପୂଜକ ଆଦିତ୍ୟ କୁମାର ସ୍ୱାଇଁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ସୁଭଦ୍ରା ଶୁଭଦର୍ଶନୀ ଓ ସୁବର୍ଣ୍ଣ କୁମାରଙ୍କ ଭଜନ ଅତ୍ୟନ୍ତ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା।

# ବୃନ୍ଦାବନ ପ୍ୟାଲେସ ପରିଦର୍ଶନ କଲେ ପ୍ରଭାତି ପରିଡା



ଭୁବନେଶ୍ୱର, ୨୭।୪ (ମହାଭାରତ): ଗଜପତି ଜିଲ୍ଲାରେ ବୃନ୍ଦାବନ ପ୍ୟାଲେସ ପରିଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଗଜପତି ଜିଲ୍ଲା ଗସ୍ତ ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅମ୍ଳାନ କୀର୍ତ୍ତିର ସ୍ମୃତି ବହନ କରୁଥିବା ବୃନ୍ଦାବନ ପ୍ୟାଲେସ୍ ପରିଦର୍ଶନ କଲି । ମହେନ୍ଦ୍ରତନୟା ନଦୀ କୂଳରେ ଥିବା ଏହି ରାଜପ୍ରାସାଦ ପାରଳାଖେମୁଣ୍ଡିର ସମୃଦ୍ଧ ଇତହାସର ସାକ୍ଷୀ । ଆଜି ଏହି ଐତିହ୍ୟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପର ଅଗ୍ରଗତି ବାବଦରେ ସମୀକ୍ଷା କଲି ।

# ଓରମାସ ପକ୍ଷରୁ ଆମ୍ବ ଚାଷୀ ଓ ହିତାଧିକାରୀଙ୍କ ପାଇଁ ଦକ୍ଷତା ବିକାଶ ଶିବିର

ଭୁବନେଶ୍ୱର, ୨୭।୪ (ମହାଭାରତ):ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ଭୁବନେଶ୍ୱରସ୍ଥିତ ଏସଆଇଆରଡି କ୍ୟାମ୍ପସର ମନରେଗା ସମ୍ମିଳନୀ କକ୍ଷରେ ଆମ୍ବ ଚାଷ ସମ୍ପର୍କିତ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୧୫ଟି ପ୍ରମୁଖ ଆମ୍ବ ଉତ୍ପାଦନକାରୀ ଜିଲ୍ଲାରୁ ଚାଷୀ ଏବଂ କୃଷି ଅଧିକାରୀମାନେ ଏଥିରେ ଭାଗ ନେଇଥିଲେ।

ଆମ୍ବକୁ କିପରି ସୁରକ୍ଷିତ ଭାବେ ଅମଳ କରାଯିବ ଏବଂ ବିଦେଶକୁ ରପ୍ତାନି କରି ଅଧିକ ଲାଭ ଅର୍ଜନ କରାଯାଇପାରିବ, ସେନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ




ଆମ୍ବ ଅମଳ ଏବଂ ଅମଳ ପରବର୍ତ୍ତୀ ଦକ୍ଷ ପରିଚାଳନା ସମ୍ପର୍କରେ ପ୍ରତିଭାଗୀମାନଙ୍କୁ ସଚେତନ କରାଯାଇଥିଲା। ବିଶେଷ କରି ଫଳର ଗୁଣବତା ରକ୍ଷା, ଗ୍ରେଡିଂ, ପ୍ୟାକେଜିଂ, କୋଲ୍ଡ ଚେନ୍ ପରିଚାଳନା ଏବଂ ବଜାର ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାର ଆମ୍ବର ଚାହିଦା ବୃଦ୍ଧି କରିବା ପାଇଁ ରପ୍ତାନି ସୁଯୋଗର ଉପଯୋଗ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ।

କର୍ମଶାଳା ସମ୍ପର୍କରେ ମତ ପ୍ରକାଶ କରି ଓରମାସର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ କହିଥିଲେ ଯେ, ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀମାନେ ନିଜ ବଗିଚାର ଆମ୍ବକୁ କିପରି ବିଦେଶ ବଜାରକୁ ପହଂଚାଇପାରିବେ, ସେଥିପାଇଁ ସଠିକ୍ ଜ୍ଞାନ ଅର୍ଜନ କରିପାରିବେ। ଏହାସହ ଅତିରିକ୍ତ ସିଇଓ (ପ୍ରଶାସନ) ଶ୍ରୀମତୀ ଗୀତାଞ୍ଜଳି ବେହେରା କହିଥିଲେ, "ସଠିକ୍ ଯତ୍ନ ନେଲେ ଆମ୍ବ ସମୟ ପୂର୍ବରୁ ନଷ୍ଟ ହେବ ନାହିଁ ଏବଂ ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ। ଅଂଶଗ୍ରହଣକାରୀ କୃଷକ ସଂଗଠନମାନେ ଏହି କର୍ମଶାଳାକୁ ଓରମାସର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ କରି ପ୍ରଶଂସା କରିଥିଲେ।





# ଅନୁପ୍ରବେଶକାରୀ ଚିନ୍ତା

ବେଆଇନଭାବେ ବସବାସ କରୁଥିବା ବାଂଲାଦେଶୀମାନେ ଘରକୁ ଫେରିବା ନିମନ୍ତେ ବାଧ୍ୟ ହେଉଛନ୍ତି। କିନ୍ତୁ କିଛି ରାଜନୈତିତକ ଦଳ ଏହାକୁ ବିରୋଧ ଏବଂ ନିନ୍ଦା କରୁଛନ୍ତି। କାରଣ ହେଲା ସେମାନେ ଏମାନଙ୍କୁ ନିଜର ଭୋଟ ବ୍ୟାଙ୍କ ରୂପେ ଆଜି ପର୍ଯ୍ୟନ୍ତ ବ୍ୟବହାର କରି ଆସୁଛନ୍ତି। ଏବେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ। ଏହା ହିଁ ଭାରତର ସମାଜିକ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ପ୍ରତିବନ୍ଧକ। ପହଲଗାମ ଆକ୍ରମଣ ଆମକୁ ସଚେତନ କରାଇଛି। ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥ;1 ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ଭୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ୍ୟ ସ୍ୱଦେଶକୁ ଫେରିଆସିବା ଉଚିତ।

# ବାଇଶି ପାହାଚେ ଖେଳିବ ମୀନ

*;ମୋର ଜଣେ ଅତି ସମ୍ମାନନୀୟ ହାଇସ୍କୁଲର ଶିକ୍ଷକ ଥିଲେ। ତାଙ୍କର ଭଉଣୀ ବିବାହକୁ ଆମର କେତେକୁ ଛାତ୍ରଙ୍କୁ ବିବାହ କାର୍ଯ୍ୟରେ କିଛି କର୍ମୀ ଭାବରେ ସାହାଯ୍ୟ କରିବାକୁ ନିମନ୍ତେ ସେ ମହାଶୟ ପୂର୍ଣ୍ଣ ଦୀକ୍ଷିତ ବୈଷ୍ଣବ। ମତ୍ସ୍ୟ ମାଂସ ପିଆଜ ରସୁଣ ତାଙ୍କର ବର୍ଜନ ସେ ତାଙ୍କ ସ୍ତ୍ରୀଙ୍କୁ କିଛି କାମ ଥିଲେ ଡାକନ୍ତି ହରିବୋଲ ତାଙ୍କ ଭଉଣୀ ବିବାହରେ ଯାତ୍ରୀଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ ପାଇଁ ରାଜି କରାଇଥିଲେ ହେଲେ ଏକ ସମସ୍ୟା ଥିଲା ବରଘର ବହନିଭାରରେ ମାଛ ଦହି ବ୍ୟବସ୍ଥା କଣ କରାଯାଇପାରିବ। ମୁଁ ତାଙ୍କର ନିକୃଷ୍ଟ ଛାତ୍ରଟିଏ ମୋର ବାପାଙ୍କ ସହିତ ତାଙ୍କର ପିଲାକାଳର ପରିଚୟ।*

**॥ ଅଜୟ କୁମାର ବେହେରା ॥**

ମହାପୁରୁଷଙ୍କ ଭାଷା ସାଙ୍କେତିକ ଭାଷା। ଯବନ, ଅବିଶ୍ୱାସ, ଶାସ୍ତ୍ରଜ୍ଞାନକୁ ଅବଖ୍ୟା କରିବା ବେଳେ ପ୍ରଚାର କରି ତାଙ୍କ ଜ୍ଞାନରେ ଅର୍ଥ କରି ଶସ୍ତା ପନ୍ଥୀ ବୋଲଇବା ଆଉ ଦଳେ ପ୍ରଚାର କରି ଗୁପ୍ତଜ୍ଞାନକୁ ନଜାଣି ଛପାଇ ପ୍ରବଚନ ଦେଇ ରୋଜଗାର କରିବା ଲୋକଙ୍କୁ ଭୟାଳୁ କଥା କହି ନିଜର ମୂଲ୍ୟ ବଢ଼ାଇବା ଏମିତି କେତେ ଫନ୍ଦା ଖୋଲି ଯାଉଛି ବା ମେଲିଯାଉଛି। ମୀନ ଶବ୍ଦ ଉଠିଲେ ଭଗବାନ ମୀନ ଅବତାର ପ୍ରଥମେ ହୋଇଥିଲେ। ସେ ଭକ୍ତଙ୍କୁ ପ୍ରତ୍ୟକ୍ଷ ଉଦ୍ଧାର ତତ୍ତ୍ୱ ଅବତାରରେ ନକଲେ ବି ଭକ୍ତ ସମୁହ ରକ୍ଷା କରିବା ପାଇଁ ରକ୍ଷା ସମ୍ବିଧାନ ଶାସ୍ତ୍ରକୁ ଉଦ୍ଧାର କରିଥିଲେ। ଜଗନ୍ନାଥଙ୍କ ଚକ୍ଷୁ ତ ମୀନର ଚକ୍ଷୁ ସ୍ଥିତି ଦେଖିଲେ ଠିକ ସେପରି ଅଛି। ତାଙ୍କର ଅଙ୍ଗର ଛବି ଅଦ୍ଭୁତ। ମାଛ ନିପାୟା, କୋଉ ପାଦ ଜଗନ୍ନାଥ ତାଙ୍କର ଅଛି କି? ସେ ବାଇଶି ବାଟେ ହିଁ ନବକଳେବର ଧାରଣ ଠାରୁ ରଥ ପାଇଁ ଏଇ ବାଇଶି ପାହାଚ ବାଟେ ସିଂହଦ୍ୱାର ଦେଇ ଓହ୍ଲାନ୍ତି, ଅନ୍ୟ ଚାରିଦ୍ୱାରରେ ସେ ଓହ୍ଲାନ୍ତି ନାହିଁ କି ଅନ୍ୟ ପଟରେ ଏପରି ବାଇଶି ପାହାଚ ନାହିଁ। ଅଦିନରେ ଠାକୁର ବାଇଶି ପାହାଚରେ ଓହ୍ଲାଇ ପାରନ୍ତି ଏହା ଏକ ସଙ୍କେତ ଏଥିରୁ ମିଳୁଛି। ମାଛଙ୍କର ଦୁଇ ପ୍ରକାର ଗତି ଓହ୍ଲାଇବା ଚଢ଼ିବା ଅଛି, ବର୍ଷାଦିନେ ନୂଆ ପାଣି ବର୍ଷା ହେଲେ ପଙ୍କୁଆ ମାଛଙ୍କ ସହିତ ପକ୍ଷୀ ମାଛ ବି ଜଳ ଆସୁଥିବା ଉଚ୍ଚ ସ୍ଥାନରୁ ଦିଗକୁ ଉଠନ୍ତି। ପୁଣି କାର୍ତ୍ତୀକ ନିଗିଡ଼ା ବେଳେ ମାଛ ମାନେ ଜଳର ରହିଲେ ଦିଗକୁ ଭାଦ୍ରବ ଖରା ତାପରେ ଅସହ୍ୟ ତାପ ସହିବା ପରେ ପାଣି ଦିଗକୁ ଗତି କରନ୍ତି। ଯେଉଁମାନେ ପୂର୍ବରୁ ଅନ୍ଧୁଲ ବସାଇ ମାଛ ଧାନ ବିଲରୁ ଧରନ୍ତି ସେ ଏକଥା ନିଶ୍ଚେ ଜାଣନ୍ତି।

ବେଳେ ବେଳେ ଦୁଇ ଗଭୀର ଜଳରେ ମାଛ ବାସ ଓ ବେଳେ ବେଳେ ତୁଠ ତଟରେ ମାଛ ରହିବାକୁ ଭଲ ପାଆନ୍ତି। ଏ ମଧରେ ଶ୍ରୀମନ୍ଦିର ଏକ ବିତ୍ତ ଅଞ୍ଚଳରେ ପୂର୍ଣ୍ଣ ପକା ଚଟାଣରେ ମନ୍ଦିର ମାନଙ୍କ ସହିତ ରହିଛି। ତା ମଧରେ ବର୍ଷା ହେଲେ ଜଳ ବଡ଼ଦାଣ୍ଡକୁ ସିଂହଦ୍ୱାର ବାଇଶ ପାହାଚ ବାଟେ କିଛି ବୋହି ଆସେ ମନ୍ଦିର ମଧରେ ମାଛ କେବେ ପ୍ରବେଶ ନାହିଁ ମାଛର ଡିମ୍ବ ଶୁଷ୍କ ହୋଇ ଆକାଶରେ ଉଡି ଏଠାରେ ଜଳର ପ୍ରାବଲ୍ୟ ଜମି ନରହିବାର ଡିମ୍ବରୁ ଛୁଆ ଓ ବଡ଼ ହୋଇନପାରନ୍ତି। ଅତଏବ ଏଇଜଳ ଭିତରେ ମୀନ ରହିବା ସମ୍ଭବ ନୁହେଁ। ଏଣୁ ଏଠାରେ ଉପରୁ ତଳକୁ ଗଡ଼ିବା ହେଉନାହିଁ। ବାକି ରହିଲା ତଳୁ ଉପରକୁ ଉଠିବା ପୂର୍ବେ ପ୍ରାକୃତିକ ନଦୀ ମଙ୍ଗଳା ନଦୀ ବଡ଼ଦାଣ୍ଡ ବଡ଼ଶଙ୍ଖରେ ସମୁଦ୍ରଗାମୀ ବହୁଥିଲା ସେ ବଡ଼ଦାଣ୍ଡର ଜଳ ସମୁଦ୍ରକୁ ନେଇ ଯାଉଥିଲା ଏ ସମୟରେ ବଡ଼ଦାଣ୍ଡ ପକ୍କା କଡ଼ରେ ବଡ଼ ବଡ଼ ନିର୍ମାଣ ସବୁର ବର୍ଷା ଜଳ ସହିତ ବଡ଼ଦାଣ୍ଡ ବର୍ଷାଜଳ ସହିତ ମନ୍ଦିର ଭିତର ବର୍ଷାଜଳ ମିଶି ଜଳପ୍ଲାବନ ବର୍ଷା ଦିନରେ ଜମି ରହୁଛି। ଅନ୍ୟ ଦିନେ ସବୁ ଘରର ବର୍ଷାଜଳ ଡ୍ରେନରେ ଯାଉଛି। ଏ ବର୍ଷା ଦିନେ ଡ୍ରେନ ସହିତ ବଡ଼ଦାଣ୍ଡର ଜଳ ମିଶି ଏକାକାର ଅତଏବ ଡ୍ରେନରେ ପଙ୍କୁଆ ମାଛ ବଢ଼ି ପାରନ୍ତି ପୁଣି ପଙ୍କୁଆ ସ୍ଥାନର ଜଳ ମୁଖ୍ୟ ଡ୍ରେନରେ ପଡୁଛି ତାହା କୌଣସି ବଡ଼ ଜଳଧାରକୁ ବି ଯାଉଛି। ଏହି ଜଳ ଧାରରୁ ଅନେକ ମାଛ ଏଇ ଡ୍ରେନକୁ ଆସି ବାସ କରୁଛନ୍ତି। ପୋକଜୋକ ଆଦି ଖାଇ ବଞ୍ଚୁଛନ୍ତି। ଏ ଜଳର ଉତ୍ସ ବେଳେ ଏମାନେ ବାଇଶିପାହାଚ ଜଳରେ ଯେ ଅଧିକ ବର୍ଷା ହେଲେ ଉଠି ସଡ ସଡ଼ ହୋଇ ଖୋଳି ଡେଇଁ ଡେଇଁ ଉପରକୁ କାହିଁକି ବା ନ ଉଠିବେ ଏଥିରେ କଉ ଗଡ଼ିଶା ମାଗୁର ରଠା ପରି ମାଛ ହୋଇପାରନ୍ତି। ସେତେବେଳେ ମହାପୁରୁଷ ଲେଖିଥିଲେ ସେତେ କୁଡ଼ିଆ ଚାଙ୍ଗେର ଥିଲା ଜଳ ପ୍ଲାବନ ଏପରି ନଥିଲା କି ଏପରି ହୋଇନଥିଲା ନଳା କୁମ୍ଭାର ଘରୁ ଅଣାଯାଇ ଉଚ୍ଚରୁ ଢ଼ାଲୁ କରି ତଳକୁ ତଳ ଖଞ୍ଜାଯାଇ ବାହାରେ ଜଳ କୌଣସି ମତେ ଦୁର୍ଗନ୍ଧ ବା ପ୍ଲାବନ କରୁନଥିଲା। ମହାପୁରୁଷ କଳ୍ପନା କରିଛନ୍ତି ଲୋକ ଶ୍ରୀକ୍ଷେତ୍ରରେ ଅବେଳ ବଢ଼ିବେ ଏପରି ହେବ ମନ୍ଦିର ବର୍ଷାଜଳ କୋଠ ମାନଙ୍କର ବର୍ଷାଜଳ ବଡ଼ଦାଣ୍ଡରେ ଲହଡି ଭାଙ୍ଗିବ, ଲହଡ଼ି ଭାଙ୍ଗିଲେ ବାଇଶ ପାହାଚରେ ଉଠା ମାଛ ଉଠି ଖେଳିବେ। ତାପରେ ପାଞ୍ଚଟା ବୈଷ୍ଣବ ବିରୁଦ୍ଧାଚାରୀ ମାୟାବୀ ବୈଷ୍ଣବୀ ଲୀଳା ଶ୍ରୀ ମହାପ୍ରସାଦକୁ ଅପବିତ୍ର କରିବାକୁ ଏପରି ଜୀବନ୍ତ ମତ୍ସ୍ୟ ବାଇଶ ପାହାଚରେ ଗୁପ୍ତରେ ଛାଡ଼ି ହାଲ୍ଲା କରି ଏକ ଧର୍ମୀୟ ପରମ୍ପରାରେ ବିଶ୍ୱାସ ହାନୀ କରାଇପାରନ୍ତି।

ମାଛ ହାଟ ଶୁଖୁଆ ହାଟରେ ଅନେକ ଶବ୍ଦ ଲୋକେ ଶବ୍ଦରେ ଅତିଷ୍ଟ ଯେଉଁଠି କେବଳ ପ୍ରଭୁ ଚିନ୍ତା ସେଠାରେ ବହୁଦର୍ଶନାର୍ଥୀ ଯେଉଁମାନେ ଦେଖାସିଖା ଭକ୍ତରେ ଆସିଛନ୍ତି ଏକ ପ୍ରକାର ଜିଜ୍ଞାସୁ ସାଜି କିଛି ବୃଥା ଦର୍ଶନକୁ ଆସିଛନ୍ତି ବା ଯାତ୍ରୀ ସାଜି ମନ୍ଦିରର ସାଜସଜା ମୂର୍ତ୍ତି ଦେଖା ବିଭିନ୍ନ ମହାପ୍ରସାଦ ସେବନ କରିବାକୁ ଆସୁଛନ୍ତି ଏମାନେ ନୀରବ ଭଙ୍ଗ କରି ମଣିମା ମଣିମା ଡାକରେ ବୃଥା ଶବ୍ଦ ମାନ ଯୋଡୁଛନ୍ତି ବାଇଶ ପାହାଚରେ ଦୈଟେ ଲାଗୁଛି ଏହାବି ମାଟ ହାଟ ପରି ବ୍ୟବସ୍ଥା ବୁଝାପଡୁଛି ପୁଣି ଲୋକେ କିଛି ପାଇଯିବେ ବୋଲି କିଛି ଶ୍ରୀଜଗନ୍ନାଥଙ୍କ ନାମରେ ଯାତ୍ରୀଙ୍କୁ ଭଣ୍ଡାନ୍ତି ଏଇ ବାଇଶ ପାହାଚରେ ଚଢ଼ା ବା ଓହ୍ଲାଇ ବେଳେ ଅଣ୍ଡା ତୁଳସୀ ଚନ୍ଦନ କର୍ପୂର ଫୁଲହାର ଦେଇ ବିଶ୍ୱାସ ଜନ୍ମାଇ ଅପରିଚିତ ଯାତ୍ରୀଙ୍କୁ ଏଠାରେ ଠକାଯିବାର ନଜିର ଏପର୍ଯ୍ୟନ୍ତ ଯାଇନାହିଁ ଏବି ମାଛ ହାଟର ଦୃଶ୍ୟ। ଏଇ୨୨ରେ ଅଛି ୨୨ ଥାଟ ଓ ୨୨ ତନ୍ତ୍ରର ସନ୍ଥ ମୂଢ଼ ମନ୍ତ୍ର ଚଣ୍ଡୀ ପାଠକ ଏଇ ୨୨ ତନ୍ତ୍ର ସହିତ ନମସ୍ତେ କହି ପଢ଼ନ୍ତି। ୨୨ଥାଟ ସଙ୍ଗୀତ ସାଧନଙ୍କର କଣ୍ଠରେ ସାଧନା ତନ୍ତ୍ର ବି ଏକ ସାଧନା, ଚଣ୍ଡୀପାଠ ସାଧନ ଭ୍ରାନ୍ତି ନାମ ଓ ବିଷ୍ଣୁମାୟା ଏ କ୍ଷେତ୍ରରେ ପୁର୍ବେ ଉଚ୍ଚାରଣରେ ସାଧନା ସୋନ ଉଠନ୍ତି। ଏ ମଧରେ ମୀନ ଦର୍ଶନ ଅର୍ଥ କୁଣ୍ଡଳନୀ ଠିକ କାର୍ଯ୍ୟ ନକଲେ ଦୁଇ ସାଧନା ଭ୍ରଷ୍ଟ ହୁଏ। କୁଣ୍ଡଳନୀରେ ଅଛି ମୀନ ଯେ ସୁଷୁମ୍ନା। ଶିଶୁ ମନା ସାଧକ ବିଦ୍ୟାର ଅଛି। ଏଇ ବିଯୋଗୀର ବିଦ୍ୟା। ମୀନ ଆମ ରାଜ୍ୟର ଶୁଭ ଦ୍ରବ୍ୟ। ଦଧି ମତ୍ସ୍ୟ ଶୁଭ ସଙ୍କେତ ହେଲେ ମତ୍ସ୍ୟ ମଧରେ ମନା, ମତ୍ସ୍ୟ ଏକ ତାମସିକ ଖାଦ୍ୟ, ଏଇ ତାମସିକ ଦ୍ରବ୍ୟମାନ ଏଇ ୨୨ ପାହାଚରେ ଚଢ଼ିବା ବେଳେ ଜଗୁଆଳୀ ଧରି କାଢ଼ି ଦିଅନ୍ତି ଯଥା ଗୁଟୁଖା, ସିଗାରେଟ, ବିଡ଼ି, ଦିଆସିଲି ବାହାର ଦ୍ରବ୍ୟ ମନ୍ୟ ପରି ଦ୍ରବ୍ୟକୁ ବିଧର୍ମୀ ହୋଇ ମନ୍ଦିର ପ୍ରବେଶ ପାଇଁ ଚିହ୍ନଟ ହେବା କାର୍ଡ଼ରେ ଧରାପଡ଼ି ସେ ପାହାଚ ଚଢ଼ି ଆଗକୁ ନଯାଇପାରନ୍ତି। ଏବେ ବସ ନଡ଼ିଆ ପରି ଦେଖା ଯିବାରୁ ବାଇଶ ପାହାଚରେ ନଡ଼ିଆ ବି ଧରପଗଡ଼। ଧରା ପଡ଼ିଲାଣି ଫୁଲ ଫଳ ମଧରେ ଲୁଚାଇ ବମ ମନ୍ଦିରକୁ ପ୍ରବେଶ ହୋଇପାରେ ଏହାକି ବହୁ କଡ଼ାକଡ଼ି ଏବି ୨୨ ପାହାଚରେ ଧରାପଡୁଛି। ଏସବୁ ଜଳପରି ପବିତ୍ର ସିନ୍ଦୁର ଦ୍ରବ୍ୟ ବି ଏଠାରେ ଧରପଗଡ଼ ଅବଶ୍ୟ ପିଇବା ପାଣି ଉଡାଜାହାଜରେ ଯାଇ ହେବନାହିଁ ଶ୍ରୀମନ୍ଦିରରେ ବାରଣ କରାଯାଇନାହିଁ। ମାଛ ପରି ଏସବୁ ମନ୍ଦିରରେ ୨୨ ପାହାଚରେ ଧରପଗଡ଼ ଓ ରଦ୍ଧି ମାଛପରି ଏ ଡେଇଁ ଡେଇଁ ହାତ ବଦଳାଇ ଭିତରକୁ ଯାଇପାରିବ ନାହିଁ ଗଲେ ବାଇଶ ପାହାଚରେ ପରିତ୍ୟକ୍ତ ହେବ।

ମୋର ଜଣେ ଅତି ସମ୍ମାନନୀୟ ହାଇସ୍କୁଲର ଶିକ୍ଷକ ଥିଲେ। ତାଙ୍କର ଭଉଣୀ ବିବାହକୁ ଆମର କେତେକୁ ଛାତ୍ରଙ୍କୁ ବିବାହ କାର୍ଯ୍ୟରେ କିଛି କର୍ମୀ ଭାବରେ ସାହାଯ୍ୟ କରିବାକୁ ନିମନ୍ତେ ସେ ମହାଶୟ ପୂର୍ଣ୍ଣ ଦୀକ୍ଷିତ ବୈଷ୍ଣବ। ମତ୍ସ୍ୟ ମାଂସ ପିଆଜ ରସୁଣ ତାଙ୍କର ବର୍ଜନ ସେ ତାଙ୍କ ସ୍ତ୍ରୀଙ୍କୁ କିଛି କାମ ଥିଲେ ଡାକନ୍ତି ହରିବୋଲ ତାଙ୍କ ଭଉଣୀ ବିବାହରେ ଯାତ୍ରୀଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ ପାଇଁ ରାଜି କରାଇଥିଲେ ହେଲେ ଏକ ସମସ୍ୟା ଥିଲା ବରଘର ବହନିଭାରରେ ମାଛ ଦହି ବ୍ୟବସ୍ଥା କଣ କରାଯାଇପାରିବ। ମୁଁ ତାଙ୍କର ନିକୃଷ୍ଟ ଛାତ୍ରଟିଏ ମୋର ବାପାଙ୍କ ସହିତ ତାଙ୍କର ପିଲାକାଳର ପରିଚୟ। ମୋ ବାପା ଏପରି ସଂସ୍କାର ପ୍ରିୟ ଥିଲେ। ଏ ଲାଗି ମୋତେ ପଚାରିଥିଲେ ଏପରି ସ୍ଥିତିରେ କଣ କରଯାଇପାରିବ? ମୋ ବୁଦ୍ଧିରେ ତତକାଳ ମୁଁ କହିଲି ସାର ଏକ ଜୀବନ୍ତ ମାଛକୁ ଏକ ବଡ଼ ଘଡ଼ିରେ ଜିବାଇ ତା ମୁହଁରେ ଦହି ହାଣ୍ଡି ପରି କଦଳୀ ପତ୍ର ଢ଼ଙ୍କଣା ଦେଇ କଣ କାମ ଚଳାଯିବ ତାପରେ ମାଛଟିକୁ କୌଣସି ଜଳାଶୟରେ ଛଡ଼ାଯାଇ ପାରିବ ନାହିଁ। ସେ ମୋତେ ସାବାସ କହି ତାହା ହିଁ କରିଥିଲେ। ମାଛର ଅପବିତ୍ରତାକୁ କଣ ଆମେ ପବିତ୍ରତାରେ ପରିଣତ କରିବା ଅସମ୍ଭବ। କୂଅ, ପୋଖରୀରେ ମାଛ ଅଛନ୍ତି। ସେ ମାଛ ଥିବା ବାସ୍ଥାନ ପାଣିରେ କଣ ଆମେ ସ୍ନାନ କରୁନାହୁଁ। କୂପରେ ପୋଖରୀରେ ବି ମାଛଡିମ୍ବ ଦି ନାଶ ପାଣି ଆମେ ଗଡ଼ିଶା ମାଛ କୂଅରେ ଛାଡୁଛେ ହେଲେ କୂଅ ପାଣି କଣ ଅପବିତ୍ର। କୂଅ ଉଝାଳିବା ବେଳେ ଲୋକେ କୂଅରେ କିଛି ତାଙ୍କର ଶରୀରର ଡବୁଳେ କଣ ଓଝଳା ସମ୍ପୂର୍ଣ୍ଣ ହୁଏ କି ଅତଏବ ଅନେକ ଚଳନୀୟ ମାତ୍ର ଦେବ ମନ୍ଦିର ବିଦୋଷ କରି ଶୁଦ୍ଧି ବୈଷ୍ଣବ ପରିବେଶ ଅଞ୍ଚଳରେ ମାଛ ପ୍ରବେଶ ନିଷେଧ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ

**॥ ଅଲେଖ ଚନ୍ଦ୍ର ସାମଲ ॥**

ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ 'ସତ୍ୟନାରାୟଣ' ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଧ ପୁରାଣର ରେବାଖଣ୍ଡରେ 'ସତ୍ୟନାରାୟଣ'ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଧ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧମ ଅଟେ । ତାଙ୍କରି ଆଶୀର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଧ ପୁରାଣର ରେବାଖଣ୍ଡରେ କୁହାଯାଇଛି –'ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍' ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର 'ପୀର' ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ 'ନାରାୟଣ' ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ 'ପୀର' ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । 'ନାରାୟଣ' ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । 'ହୟଶୀର୍ଷ ପଞ୍ଚରାତ୍ର' ମତରେ ବିଷ୍ଣୁ ପୌଷ ମାସରେ 'ନାରାୟଣ' ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି – 'ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାୟଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।' ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି – 'ଯୋଽୟଂ ନାରାୟଣେଶ କେବଃ ସତ୍ତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।'

'ପୀର' ଶବ୍ଦର ଅର୍ଥ ମଧରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି 'ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଟ ଭୂମୀରେ ଇତିହାସ ଅନୁଧାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ 'ମଦାରାହୀ' ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା – ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି – 'ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।' ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି – 'ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକଦନ୍ତ, ଅଦ୍ଭୁତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି' । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ – 'ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ' । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ – 'ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା' । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି – ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି 'ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରୀଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶୀ'୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳର କାବ୍ୟରେ ବର୍ଣ୍ଣିତ ଅଛି – କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି 'ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ମରାମ୍ୟହମ୍' । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି – 'ନମଇଁ ଗୋବିନ୍ଦ ଚରଣ-ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ।'

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# 'ଅମାବାସ୍ୟାର ଚନ୍ଦ୍ର'ର ସ୍ରଷ୍ଟା

**॥ ବାଦଲ ଭୂୟାଁ ॥**

ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌ଙ୍କୁ ସମର୍ପି ଦେଉଛି' – ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ 'ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସୁ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ – ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ୍‌ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ବିଲ ଭିତରୁ ମିଳିଲା ଗଳିତ ମୃତଦେହ

କପ୍ତିପଦା, (ମହାଭାରତ) : ବିଲ ଭିତରୁ ମିଳିଲା ଗଳିତ ମୃତଦେହ। ମୃତଦେହ କୁ ଶହେ ମିଟର ଘୋଷାରି ଆଣିଲା କୁକୁର। ଉଦଳା ଥାନା ସିଆଳିଆ ଗ୍ରାମରେ ଘଟିଛି ଏଭଳି ଘଟଣା। ସିଆଳିଆ ବିଦ୍ୟାଳୟ ନିକଟରେ ଥିବା ବିଲ ଭିତରେ ଏକ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ପରେ ଏ ନେଇ ପୋଲିସ କୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଟି କୁ ବିଲ ଭିତରେ କୁକୁର ପ୍ରାୟ ଶହେ ମିଟର ଦୂର ପର୍ଯ୍ୟନ୍ତ ଘୋଷାରି ଆଣିଥିବା ପୋଲିସ କହିଛି। ଗଳିତ ମୃତଦେହ ର ପାଇଁ ପରିଚୟ ମିଳି ପାରି ନ ଥିବା ବେଳେ ୫ ରୁ ୬ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ମୃତଦେରେ ପିନ୍ଧା ଲୁଙ୍ଗି ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ରୁ ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଥିବା ବେଳେ ମୃତଦେହ ପଡ଼ିଥିବା ସ୍ଥାନ ପାଖରେ ମାଟି କାମ ହୋଇଥିବାରୁ ପୋଲିସ ୩ ରୁ ୪ ଜଣଙ୍କୁ ନେଇ ଥାନାରେ ପଚରା ଉଚରା କରୁଛି।

## ବ୍ରାହ୍ମଣ ମହାସଂଘ ଓଡ଼ିଶାର ୨୦୦ତମ ରାଜ୍ୟ ସ୍ତରୀୟ ଆଭାସୀ ସ୍ନେହ ମିଳନ ଅନୁଷ୍ଠିତ

ଗଣିଆ,(ମହାଭାରତ): ବ୍ରାହ୍ମଣ ମହାସଂଘ ଓଡ଼ିଶା ପକ୍ଷରୁ ଏହାର ଦ୍ୱିଶତତମ (୨୦୦ତମ) ରାଜ୍ୟ ସ୍ତରୀୟ ଆଭାସୀ ବୈଠକ ତଥା ସ୍ନେହ ମିଳନ କାର୍ଯ୍ୟକ୍ରମ ଗତ ରବିବାର ରାତ୍ରି ୮:୩୦ ସମୟରେ ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ ମାଧ୍ୟମରେ ଆୟୋଜିତ ଏହି ସଭାର ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ପଣ୍ଡିତ ମାନସ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ପଠିତ 'ଭବାନୀ ଅଷ୍ଟକମ୍ ?' ପରିବେଶକୁ ଅତ୍ୟନ୍ତ ଭାବଗର୍ଭକ କରିଥିଲା। ଏହି ଆଲୋଚନା ଚକ୍ରରେ ଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ବରିଷ୍ଠ ଗବେଷକ ଡକ୍ଟର ପ୍ରଭାତ ରଞ୍ଜନ ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଧନଞ୍ଜୟ ମହାପାତ୍ର, ପଣ୍ଡିତ କପିଳ କୃଷ୍ଣ ମୁଖାର୍ଜୀ ଓ ପଣ୍ଡିତ ଶ୍ରୀନିବାସ ଶତପଥି ପ୍ରମୁଖ ଯୋଗଦେଇ ନିଜସ୍ୱ ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ମହାସଂଘର ସମ୍ପାଦକ ଡକ୍ଟର ସୌମ୍ୟ ରଞ୍ଜନ ମହାପାତ୍ର ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଂଯୋଜକ ପ୍ରିୟବ୍ରତ ଷଡ଼ଙ୍ଗୀ କାର୍ଯ୍ୟକ୍ରମର ଆବାହକ ଥିବାବେଳେ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମହାସଂଘର ଉପଦେଷ୍ଟା ଡକ୍ଟର ପଞ୍ଚାନନ ସୁନ୍ଦର ପାଣି ସମ୍ପୂର୍ଣ୍ଣ ଆଭାସୀ ବୈଠକକୁ ସୂଚାରୁରୂପେ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଦେବାଶିଷ ନନ୍ଦ, କୋଷାଧ୍ୟକ୍ଷ ସରୋଜ ଦାଶ, ବରିଷ୍ଠ ସଦସ୍ୟ ମନୋଜ ମିଶ୍ର, ପ୍ରଫୁଲ୍ଲ କୁମାର ଦାଶଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ବ୍ରାହ୍ମଣ ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ମହାସଂଘର ସଭାପତି ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ସାଧାରଣରେ ପ୍ରତିବାଦ ଓ କାର୍ଯ୍ୟାନୁଷ୍ଠାନ ଦାବୀ

ପାରାଦୀପ, (ମହାଭାରତ) : ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡା. ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ପୂର୍ବରୁ ଭାଙ୍ଗିଦେବା ଘଟଣାକୁ ନେଇ ପ୍ରତିବାଦ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରାଯାଇଛି । ସୂଚନାଯୋଗ୍ୟ ଯେ ଏରସମାର ଶିଆଳି ବେଳାଭୂମିରେ, ଶିଆଳି ବାଲିଯାତ୍ରା କମିଟି ପକ୍ଷରୁ ଆସନ୍ତା ୨୬ ତାରିଖ ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ର୍ଗତ ଡ଼ା, ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ପ୍ରସ୍ତୁତି ସହିତ ଗୁରୁବାର ରାତିରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏବଂ ଏପ୍ରିଲ ମାସ ୨୬ ତାରିଖ ଅପରାହ୍ନରେ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ, ବନ ବିଭାଗ ପକ୍ଷରୁ ସ୍ଥାପିତ ହୋଇଥିବା ପ୍ରତିମୂର୍ତ୍ତି କୁ ଭଙ୍ଗା ଯାଇ ଉଚ୍ଛେଦ କରାଯାଇଥିଲା । ତେବେ ଏ ବାବଦରେ ନିଜ ପ୍ରତିକ୍ରିୟା ରଖି ପୂର୍ବତନ ବିଜେଡି ବିଧାୟକ ସମ୍ବିତ ରାଉତରାୟ ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ କହିବା ସହ ଏହି ମୂର୍ତ୍ତି ଭଙ୍ଗା ଘଟଣାରେ ସଂଶ୍ଳିଷ୍ଟ ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ଜଗତସିଂହପୁର ବିଜେପି ସାଂସଦ ବିଭୁ ପ୍ରସାଦ ତରାଇ ଘଟଣାର ନିନ୍ଦା କରିଥିବା ବେଳେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ନଗର ବିଜେଡି ସଭାପତି କୁମରବର ନାୟକ ଏହି ଘଟଣାକୁ ହୀନ ରାଜନୀତି ବୋଲି କହି ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି । ତେବେ ଉପରିସ୍ଥ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଦାମ ବାବୁ ଙ୍କ ପ୍ରତିମୂର୍ତ୍ତି ଉଚ୍ଛେଦ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସଫେଇ ଦିଆଯାଇଥିବା ଜଣାପଡିଛି ।



## ଯୁବତୀର ଝୁଲନ୍ତା ମୃତ ଦେହ ଉଦ୍ଧାର

ପାଟଣାଗଡ, (ମହାଭାରତ) : ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ନାବାଳିକା ଝିଅର ମୃତ ଦେହ ଉଦ୍ଧାର, ଅପହରଣ କରି ନେଇ ହତ୍ୟାକରି ଝୁଲାଇ ଦେଇଥିବା ଗୁରୁତର ଅଭିଯୋଗ ଆଣିଲେ ପରିବାର । ଘଟଣା ଘଟିଛି ପାଟଣାଗଡ ଥାନା ଡୁମେରପଦର ଗାଁ ନିକଟସ୍ଥ ଜଙ୍ଗଲରେ । ଯୁବତୀ ଜଣକ ହେଲେ ପାଢେଲ ଗାଁର ଅନିତା କଠାର ବୋଲି ସୂଚନା ମିଳିଛି । ସୂଚନା ମୁତାବକ ଗତ ସନ୍ଧ୍ୟା ରୁ କିଛିଜଣ ଯୁବକ ଅନିତା କୁ ଡାକି ନେଇ ଯାଇଥିବା ସୂଚନା ଦେଇଛନ୍ତି ପରିବାର। ସନ୍ଧ୍ୟା ପରେ କିଛି ଜଣ ଯୁବକ ଅନିତାକୁ ବ୍ଲାକମେଲିଙ୍ଗ କରି ଅପହରଣ କରି ନେଇଥିବା ଫୋନ ଯୋଗେ ଅନିତା ପରିବାରଙ୍କୁ ସୂଚନା ଦେଇଥିବା ଅନିତାଙ୍କ ବାପା କହିଛନ୍ତି। ପରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଲେ କୋଣସି ଖବର ପାଇ ନ ଥିଲେ । ଆଜି ସକାଳୁ ସକାଳୁ ଡୁମେରପଦର ଗାଁ ଲୋକେ ଅନିତା ଗଛରେ ଝୁଲୁ ଥିବା ଦେଖି ପରିବାରକୁ ଖବର ଦେଇଥିଲେ । ପାଟଣାଗଡ ପୋଲିସ, ବଲାଙ୍ଗୀର ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାର୍ଡ ଆସି ଜୋରଦାର ତଦନ୍ତ ଜାରି ରଖିଛନ୍ତି । ପାରିପାର୍ଶ୍ୱିକ ସ୍ଥିତ କୁ ଦେଖି ଏହା ଏକ ପ୍ରିପ୍ଲାନ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛନ୍ତି ଅଞ୍ଚଳବାସୀ । ପାଟଣାଗଡ ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଜୋରଦାର ତଦନ୍ତ ଜାରି ରଖିଛି ।

## କୋଷାଗୁମୁଡ଼ା ଠାରେ ଜନ ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର, (ମହାଭାରତ) : ଆଜି କୋଷା ଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ ଟି ଅଭିଯୋଗ ର ସମାଧାନ ତତକ୍ଷଣାତ କରାଯାଇଥିଲା।ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗ ଙ୍କୁ ୪ ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଠାରୁ ଯଶୋଦା ପାଇଲେ ଅନ୍ତୋଦୟ ଘର, ପ୍ରଶାସନକୁ ଦେଲେ ଧନ୍ୟବାଦ

ପାଟଣାଗଡ, (ମହାଭାରତ) : ନିରୀହ ଗରିବ ହୋଇ ଦିନ କଟୁ ଥିଲେ, ସମୟ ଠିକ ଥିଲା ପୁରା ପରିବାର ସ୍ୱାମୀ, ସ୍ତ୍ରୀ ଓ ତିନୋଟି ସନ୍ତାନ ସହ ବେଶ ହସ ଖୁସିର ସହ ଦିନ କଟୁ ଥିଲେ ହେଲେ ଭାଗ୍ୟ ର ବିଧାନ କେ କରିବ ଆନ ଗତ ୨୦୨୪ ମସିହା ରେ ସ୍ୱାମୀ ଆର ପାରି କୁ ଚାଲି ଗଲା ପରେ କ୍ଷଣିକ ଭିତରେ ପାରିବାର ଉପରେ ପଡ଼ିଲା ଦୁଃଖର ପାହାଡ । ସୂଚନା ମୁତାବକ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମପଞ୍ଚାୟତ କର୍ଲାମାଲ୍ ଗ୍ରାମ ର ଜଣେ ବିଧବା ମହିଳା ଯଶୋଦା ପଟେଲ , ଯାହାଙ୍କର ସ୍ୱାମୀ ଉଧବ ପୁଟେଲ ବିଗତ ୨୦୨୪ ମସିହାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା କାରଣରୁ ପରଲୋକ କରିଥିଲେ। ସେ ତିନୋଟି ସନ୍ତାନ ର ମା, ଦୁଇଜଣ କନ୍ୟା ଓ ଜଣେ ପୁଅ ର ମାଆ ଏବଂ ସେମାନଙ୍କର ଏକମାତ୍ର ଭରସା ଶ୍ରୀମତୀ ଯଶୋଦା ପୁଟେଲ କ୍ଷ ସେମାନେ ଏକ ଭାଙ୍ଗି ଯାଇଥିବା ମାଟି ଘରରେ ବସବାସ କରୁଛନ୍ତି। ଯାହା ବହୁତ ଖରାପ ଅବସ୍ଥାରେ ପଡ଼ି ରହିଅଛି, ତାଙ୍କର ପ୍ରଧାନ ଆୟର ଉତ୍ସ ରହିଛି ଦିନ ମଜୁରୀ କାମ, ଯେଉଁଥିରୁ ପରିବାର ଚଳିବା କଷ୍ଟକର ହୁଏ । ସେ ସରକାରଙ୍କ ଠାରୁ ବିଧବା ପେନ୍ସନ ଏକ ହଜାର ଟଙ୍କା ଓ ଖାଇବା ପାଇଁ ଚାଉଳ ପାଞ୍ଚ କେ.ଜି ସରକାରୀ ସହାୟତା ତାଙ୍କ ପ୍ରତି ଦିଆ ଯାଇଥିବା ବେଳେ ଗତ ଶୁକ୍ରବାର ଦିନ ସନ୍ଧ୍ୟା ରେ ବଲାଙ୍ଗୀର ଠାରେ ଜାତୀୟ ପଂଚାୟତି ରାଜ ଦିବସ - ୨୦୨୬ ରାଜ୍ୟସ୍ତରୀୟ ସମାରୋହ କାର୍ଯ୍ୟକ୍ରମ ରେ ମୁଖ୍ୟ ମନ୍ତ୍ରୀ ଙ୍କ ହାତରୁ ଏକ ଅନ୍ତୋଦୟ ଘର ସହାୟତା ପାଇଥିବାରୁ ଅନ୍ତରିକ କୃତଜ୍ଞତା ଜଣାଇଛନ୍ତି, ଯାହା ତାଙ୍କ ପରିବାରର ମୌଳିକ ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇଛି। ଏଥି ସହ ଏକ ଅନ୍ତୋଦୟ ଯୋଜନା ରେ ୩୫ କି.ଲୋ ର ଏକ ରାସନ କାର୍ଡ ଓ ପିଲାମାନେ ଭଲ ମଣିଷ ହେବା ପାଇଁ ଶିକ୍ଷା ର ବ୍ୟବସ୍ଥା ଯୋଗାଇ ଦେବାକୁ ପ୍ରଶାସନ କୁ ଗୁହାରୀ ଜଣାଇଛନ୍ତି କରଲାମାଲ ଗ୍ରାମବାସି !




## ଜାତୀୟ ନାଟ୍ୟ ମହୋତ୍ସବ-୨୦୨୬ ରେ ହିନ୍ଦୀ ଓ ବଙ୍ଗଳା ଭାଷୀ ନାଟକ ପ୍ରଦର୍ଶିତ

ପାରାଦୀପ, (ମହାଭାରତ) : ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ ର ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇ ନାଟ୍ୟ ଅନୁଷ୍ଠାନ ପୋଲି ଥିଏଟର ଗ୍ରୁପ ଦ୍ୱାରା ବିଜୟ ସିଂହ ପରମାର ଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷୀ ନାଟକ 'ଗୋଲଡେନ ବଜାର' ମଞ୍ଚସ୍ଥ ହୋଇଥିବା ବେଳେ ୭ମ ସନ୍ଧ୍ୟାରେ ଏବୋଙ୍ଗ ଆମରା ଅନୁଷ୍ଠାନ ପକ୍ଷରୁ କଲ୍ଲୋଳ ଭଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ 'ନୀଲ ପ୍ରିତେର ଫୁଲ' ପ୍ରଦର୍ଶିତ ହୋଇଥିଲା ।ମୈନାଗଡ଼ର ରାଜା ଲୌସେନ କଙ୍ଗୁର ରାଜ୍ୟ ବିଜୟ କରି ଫେରିଲେ। ସେ କଙ୍ଗୁରର ରାଜକୁମାର କଳିଙ୍ଗକୁ ବିବାହ କରିବେ। ମୈନାଗଡ଼େର ଏହି ଉତ୍ସବ ଚାଲିଛି। ଏହି ସମୟରେ ଜଳପାଇ ଆସି ତାଙ୍କ ଝିଅ ବାହାମୋନିଙ୍କ ନାମରେ ରାଜାଙ୍କ ନିକଟରେ ଅଭିଯୋଗ କଲେ। ପିତା ଜଳପାଇ ତାଙ୍କ ଝିଅ ବାହାମୋନିଙ୍କୁ ଲାଲଚାନ୍ଦଙ୍କ ସହିତ ବିବାହ କରିବାକୁ ଚାହାଁନ୍ତି। କିନ୍ତୁ ବାହାମୋନି ବାଙ୍କଚାନ୍ଦଙ୍କ ସହିତ ବିବାହ କରିବାକୁ ଚାହାଁନ୍ତି। ରାଜା ନିର୍ଦ୍ଦେଶ ଦେଲେ ଯେ ଯଦି ତୁମେ ତୁମର ପିତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ବିବାହ ନ କର, ତେବେ ତୁମକୁ ବିବାହ ନକରି ତୁମର ସାରା ଜୀବନ ବିତାଇବାକୁ ପଡ଼ିବ। ବାଙ୍କଚାନ୍ଦ ବାହାମୋନିଙ୍କ ସହିତ ରାଜା ଇଚାଇ ଘୋଷଙ୍କ ରାଜ୍ୟ ଢେକୁରଗଡ଼କୁ ପଳାଇଗଲା। ଲାଲଚାନ୍ଦ ସେମାନଙ୍କୁ ଖୋଜିବା ପାଇଁ ସେମାନଙ୍କ ପଛରେ ଯାଆନ୍ତି। ଫୁଲମୋନି ମଧ୍ୟ ଲାଲଚାନ୍ଦଙ୍କ ପଛରେ ଆସନ୍ତି। ଲାଲଚାନ୍ଦ ଫୁଲମୋନି ସହିତ ଭଲରେ ରହୁଥିଲେ। ଫୁଲମୋନିର ଆଶା ଲାଲଚାନ୍ଦ ପୁଣି ବାହାମୋନି ଫେରି ଆସିବେ। ତା'ପରେ ସେ ତାଙ୍କୁ ବିବାହ କରିବେ। ମୈନାଗଡ଼ର କିଛି ଲୋକ ନିଷ୍ପତ୍ତି ନେଇଥିଲେ ଯେ ସେମାନେ ରାଜାଙ୍କ ବିବାହରେ ପାଳି ପକାଇବେ ଏବଂ ସେମାନେ ସେମାନଙ୍କର ନାଟକ ଅଭ୍ୟାସ କରିବାକୁ ଜଙ୍ଗଲକୁ ଯିବେ, ଯାହା ଦ୍ୱାରା କେହି ଜାଣିପାରିବେ ନାହିଁ। ମୈନାଗଡ଼ ଏବଂ ଦେଖୁରଗଡ଼ ମଧ୍ୟରେ ଥିବା ଜଙ୍ଗଲରେ ଖେଳରାମ ବାବା, ଏକାନୋର, ଭୁଲୋ, କାନପିସି, ନିଶି, ବରୁଲ ଏବଂ ସେମାନଙ୍କର ସାଥୀମାନେ ରୁହନ୍ତି। ଖେଳରାମ ବାବା ତାଙ୍କ ସ୍ତ୍ରୀ ଏକାନୋରଙ୍କ ସହିତ ଝଗଡ଼ା କରୁଛନ୍ତି ଏବଂ ଏହି ଜଙ୍ଗଲରେ କୌଣସି ପ୍ରକାରେ ନୀଳ ଫୁଲ ଫୁଟିଥାଏ। ଏହି ଫୁଲକୁ ପ୍ରେମର ଫୁଲ କୁହାଯାଏ। ଏହି ଫୁଲ ସହିତ ଖେଳୁଥିବା ଖେଳରାମ ବାବା ଏକାନୋରକୁ ଆକାର ଦେବା ପାଇଁ ଯୋଜନା କରନ୍ତି। ଏହି ସମୟରେ ଲାଲଚାନ୍ଦଙ୍କ ଦଳ। ଫୁଲମୋନି, ବାଙ୍କଚାନ୍ଦ, ବାହାମୋନି ଏବଂ ନାଟ୍ୟ କଳାକାରମାନେ ଗୋଟିଏ ପରେ ଗୋଟିଏ ଏଠାକୁ ଆସିଥିଲେ। ଭୁଲିଯିବା ଯୋଗୁଁ ସେମାନେ ସମସ୍ତେ ଜଙ୍ଗଲରେ ନିଜର ରାସ୍ତା ହଜିଗଲେ। ଭୁଲିଯିବା ପରେ, ସାରା ରାତି ଜଙ୍ଗଲରେ ବିଭିନ୍ନ ଘଟଣା ଘଟେ। ଗୋଟିଏ ପରେ ଗୋଟିଏ ଖେଳି ଖେଳରାମ ବାବା ପୁଣି ସବୁକିଛି ସଜାଡ଼ି ଦିଅନ୍ତି। ଏହା ମଧ୍ୟ ଗ୍ରୀଷ୍ମ ରାତିର ଶେଷରେ ଦେଖାଯାଇପାରେ ଏବଂ ଖେଳରାମ ବାବା ଏବଂ ଏକାନୋରଙ୍କ ମଧ୍ୟରେ କୌଣସି ଝଗଡା ନାହିଁ। ବାହାମୋନିକୁ ଭୁଲି ଲାଲଚାନ୍ଦ ଫୁଲମୋନିକୁ ଫେରି ଆସିଲେ। ବାହାମୋନି ଏବଂ ଲାଲଚାନ୍ଦ ଏବଂ ବଙ୍କା ଚନ୍ଦ୍ରଙ୍କ ମଧ୍ୟରେ ଝଗଡା ଆଉ ନାହିଁ। ସେମାନେ ବନ୍ଧୁ ହୋଇଗଲେ। ନାଟ୍ୟ ଗୋଷ୍ଠୀର ଏକ ଅଂଶ ହୋଇଥିବା ଗଧ ମଧ୍ୟ ଗଧରୁ ମଣିଷ ହୋଇ ମୈନାଗଡ଼ ଫେରି ଆସିଲେ। ସମସ୍ତେ ଭାବିଥିଲେ ଯେ ସେମାନେ ରାତିରେ ଏକ ମଧୁର, ରୋମାଣ୍ଟିକ ସ୍ୱପ୍ନ ଦେଖିଛନ୍ତି। ଭୋର ସମୟରେ ସେମାନଙ୍କୁ ଦେଖୁରଗଡ଼ର ରାଜା ଇଚାଇ ଘୋଷ ଜଙ୍ଗଲରେ ଦେଖିଥିଲେ। ଇଚାଇ ସବୁ ଶୁଣି ସେମାନଙ୍କୁ ମୈନାଗଡ଼କୁ ଫେରାଇ ଦେବାର ବ୍ୟବସ୍ଥା କଲେ। ଲୌସେନଙ୍କ ବିବାହ ଦିନ ସମସ୍ତେ ମୈନାଗଡ଼ ଫେରି ଆସିଲେ। ଲୌସେନ ସବୁକିଛି ଜାଣି ଖୁସି ହେଲେ। ଲୌସେନ ବାହାମୋନି ପାଇଁ ଦଣ୍ଡ ଗ୍ରହଣ କଲେ। ସମସ୍ତେ ବହୁତ ଖୁସି ହେଲେ। ଉଦଯାପନୀ ସନ୍ଧ୍ୟାରେ ଦିଲ୍ଲୀ ର ଶ୍ରୀ ରାମ ସେଣ୍ଟର ଫର ପରଫର୍ମିଂ ଆର୍ଟ ଗୋଷ୍ଠୀ ପ୍ରଖ୍ୟାତ ନିର୍ଦ୍ଦେଶକ ଅବତାର ସାହାଣୀଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଖାମୋଶ ! ଅଦାଲତ ଜାରି ହୈ!' ପରିବେଷଣ କରିବ।



## ହତ୍ୟା ନା ଆତ୍ମ ହତ୍ୟା,ଦ୍ୱନ୍ଦରେ ପରିବାର ଲୋକେ

ଯୋଡା,୨୭/୦୪(ମହାଭାରତ) ଯୋଡା ଆଜାଦ ବସ୍ତି ଠାରେ ରହୁଥିବା ମା ଆଶା ଲୋହାର ଓ ପିତା ରଙ୍ଗା ଲୋହାର୍ ଙ୍କ କର୍ମଜୀବୀ ଝିଅ ରିତିକା। ଲୋହାର ଙ୍କ ର ମୃତ୍ୟୁ କୁ ନେଇ ଦ୍ୱନ୍ଦରେ ଅଛନ୍ତି ପରିବାର ଲୋକେ ।ସନ୍ଦେହ ରେ ଥିବା ଦୁଇ ଜଣ ଯୁବକ ଙ୍କୁ ଏ ପର୍ଯ୍ୟନ୍ତ ତଦନ୍ତ ଘେରକୁ ନିଆ ଯାଇ ନାହିଁ । ମୃତଫ। ରୀତିକା। ଲୋହାର (୨୩) ଆତ୍ମ ହତ୍ୟା କରିଥିବା ଘରେ ଯାଇ ପରିବାର ବର୍ଗ ଦେଖିବା ପରେ ଆହୁରି ସନ୍ଦେହ ଘନିଭୂତ ହୋଇଛି ବୋଲି ମା ଆଶା ଲୋହାର, ଭଉଣି ଦେବୀ ଲୋହାର,ଭାଇ ରିତିକ୍ ଲୋହାର କହିଛନ୍ତି ।ପ୍ରଥମତଃ ମୃତ ରିତିକା ଆତ୍ମ ହତ୍ୟା ବେଳେ ଆଣ୍ଠୁ ରେ ଭରା ଦେଇ ମୃତ୍ୟୁ ବରଣ କରିଥିଲେ ।ଘର ର ସମସ୍ତ ସରଞ୍ଜାମ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ି ରହିଥିଲା ।ପ୍ରେସର୍ କୁକର୍ ର ଢାଙ୍କୁଣି ବଙ୍କା ହୋଇ ପଡ଼ି ଥିଲା ।ତେଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ଷିପ୍ତ ହୋଇ ପଡ଼ି ରହି ଥିଲା ।ଏହି ଘଟଣା ଦେଖି ଆତ୍ମ ହତ୍ୟା ବୋଲି ସହଜରେ ପରିବାର ବର୍ଗ ବିଶ୍ୱାସ କୁ ନେଇ ନ ଥିଲେ । ଏ ସମ୍ପର୍କରେ ରତିକା। ଙ୍କ ବଡ ଭଉଣୀ ବେବି ଲୋହାର ଗଣ ମାଧ୍ୟମ କୁ କହିଛନ୍ତି ଯେ, ଭାଇ ରୀତିକ୍ ଲୋହାର ଙ୍କ ସାଙ୍ଗ ରାହୁଲ ମହାପାତ୍ର ତା ୧୬/୦୪/୨୯୨୬ ରିଖ ଦିନ ଅପରାହ୍ନ ପ୍ରାୟ ୩.୩୫ ସମୟରେ ବେବୀ ଲୋହାର ଙ୍କୁ ଫୋନ ଯୋଗେ ରୀତିକା ସହିତ ଫାରୁଖ ଖାନ ଘରେ ଥିବା ନେଇ ଜଣାଇଥିଲେ । ରିତୀକା ଓ ଫାରୁଖ ଦୁହେଁ ଏକ ଘରୋଇ ବ୍ୟାଙ୍କ୍ ର ଫାଇନାନ୍ସ ଶାଖା ରେ କାର୍ଯ୍ୟ କରୁ ଥିଲେ ।ତେବେ ଏହି ଖବର କୁ ନେଇ ରାହୁଲ , ରିତୀକା ଓ ଫାରୁଖ୍ ଙ୍କ ମଧ୍ୟରେ ଝଗଡ଼ା ହୋଇ ଥିଲା ।ଏହି ଝଗଡ଼ା ସମୟରେ ଫୋନ ଅନଲାଇନ ରେ ରହିଥିବା ବେବୀ ଲୋହାର୍ ସମସ୍ତ କଥା ଶୁଣୁ ଥିଲେ । ରୀତୀକା , ଫାରୁଖ ଓ ରାହୁଲ ଙ୍କୁ ସେ ଝଗଡ଼ା ନ କରିବା ପାଇଁ ଅନୁରୋଧ କରିଥିଲେ ।ଏହି ସମସ୍ତ ଘଟଣା ସମ୍ପର୍କରେ ବେବୀ ଲୋହାର ତାଙ୍କ ବାପା ରଙ୍ଗା ଲୋହରା ଙ୍କୁ ଜଣାଇ ଥିଲେ ।ଏହାପରେ ରଙ୍ଗା ଲୋହାର ଏ ନେଇ ରାହୁଲ ଙ୍କୁ ଫୋନ କରିବାରୁ ସେ 'ଅଙ୍କଲ କିଛି ନାହିଁ' ବୋଲି କହି କଥାକୁ ଏଡାଇ ଦେଇ ଥିଲା ।ପରେ ରଙ୍ଗା ତାଙ୍କ ଝିଅ ରିତିକା କୁ ଯୋଡା ପଳେଇ ଆସିବା ପାଇଁ କହିଥିଲେ ।ଏବଂଆସିବା ପାଇଁ ୩୯୫ ଟଙ୍କା ଝିଅ ଙ୍କୁ ଫୋନ ପେ ମାଧ୍ୟମରେ ପଠାଇଥିଲେ ।ସନ୍ଧ୍ୟା ପ୍ରାୟ ୬.୨୦ ରେ ରାହୁଲ ରଙ୍ଗା ଙ୍କୁ ଝିଅ ରତିକା ଘରେ ଭିତର ଆଡୁ କବାଟ ବନ୍ଦ କରି ଦେଇଥିବା ସୁଚନା ଦେଇଥିଲେ ।ଏହା ଜାଣିବା ପରେ ରଙ୍ଗା ତୁରନ୍ତ ଘର ମାଲିକ ଙ୍କୁ ଜଣାଇବା ପାଇଁ ରାହୁଲ ଙ୍କୁ କହିଥିଲେ ।ତେବେ ରାହୁଲ ଘର ଠାରୁ ଦୂର ରେ ଥିବା କଥା କହି କଥା କୁ ଏଡାଇ ଦେଇ ଥିଲେ ।ପରେ ଘର ର ଝରକା ଫାଙ୍କ ରୁ ଘର ର ମାଲିକାଣୀ ଦେଖି ଥିଲେ ଯେ, ରିତୀକା। ଓଢ଼ଣୀ ରେ ଫାଶୀ ଲଗାଇ ଆଣ୍ଠୁ ରେ ଭରା ଦେଇ ଓହଳି ଥିବା ଦେଖି ଥିଲେ ଏବଂ ପରିବାର କୁ ଅବଗତ କରାଇ ଥିଲେ । ରଙ୍ଗା ନିଜର ପରିବାର ବର୍ଗ ଙ୍କ ସହିତ ଯାଇ ପୋଲିସ କୁ ଜଣାଇଥିଲେ ।ପୋଲିସ ରିତିକା ଙ୍କ ଶବ କୁ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତର ଖାନା କୁ ପଠାଇ ଥିଲା । ରିତୀକା ଙ୍କ ମା ଆଶା କହିଥିଲେ ଯେ,ଫାରୁଖ ଖାନ ନାମକ ଯୁବକ ଏବଂ ରାହୁଲ ମହାପାତ୍ର ଙ୍କ ସନ୍ଦେହାତ୍ମକ କାର୍ଯ୍ୟ କଳାପ ତାଙ୍କ ମନ କୁ ଆନ୍ଦୋଳିତ କରୁଛି ।ପୋଲିସ ଘଟଣା କୁ ଗୁରୁତ୍ୱ ର ସହ ନେଇ ନ ଥିବା ତାଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି ।ପ୍ରାରମ୍ଭିକ ତଦନ୍ତ ରେ ରାହୁଲ ଙ୍କୁ ପୋଲିସ ପଚରା ଉଚରା କରିଥିଲା ।ହେଲେ ପରବର୍ତ୍ତୀ ସମୟରେ ଛାଡ଼ି ଦେଇ ଥିଲା ।ସନ୍ଦେହ ରେ ରହିଥିବା ଦୁଇ ଜଣ ଯୁବକ ଙ୍କୁ ପୋଲିସ କାହିଁକି ତଦନ୍ତ ପରିସର ଭୁକ୍ତ କରୁ ନାହିଁ, ଏ ନେଇ ତାଙ୍କ ପରିବାର ବର୍ଗ ପ୍ରଶ୍ନ ଉଠାଇଛନ୍ତି ଗଣ ମାଧ୍ୟମ କୁ ।କେନ୍ଦୁଝର ଟାଉନ ଥାନା ପୋଲିସ କେସ ନଂ ୩୫୮/ ତା ୧୮/୦୪/ ୨୦୨୬, ଦଫା ୧୦୮,୩(୫),ବିଏନ୍ଏସ ରୁଜୁ କରିଛି ।ମାମଲା କୁ ପୋଲିସ ଗୁରୁତ୍ୱ ର ସହିତ ନେଉ ନ ଥିବା କହିବା ସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ଏ ପର୍ଯ୍ୟନ୍ତ ପରିବାର ବର୍ଗ କୁ ଦିଆ ଯାଇ ନ ଥିବା ହେତୁ ଗରିବ ଲୋହାର ପରିବାର ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ଏବଂ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାମେବାରୀ ଗସ୍ତ କାର୍ଯ୍ୟକ୍ରମ ବେଳେ ଏକ ଅଭିଯୋଗ ପତ୍ର ଦେବେ ବୋଲି ଆଶା ଲୋହାର,ରଙ୍ଗା ଲୋହାର୍ କହିଛନ୍ତି ।ତାଙ୍କ ଭଉଣି ବେବୀ ଲୋ ହାର କହିଛନ୍ତି ଯେ,ନ୍ୟାୟ ନ ମିଳିଲେ ରାଷ୍ଟ୍ରପତି ଙ୍କୁ ମଧ୍ୟ ଏ ନେଇ ଫେରାଦ ହେବେ ବୋଲି କହିଛନ୍ତି । ୧୬ ତାରିଖ କେନ୍ଦୁଝର ରେ ରୀତୀକା ମୃତ୍ୟୁ ଘଟଣାର ପରିବାର ବର୍ଗ ଏକଦଶାହ ପାଳନ କରୁଥିବା ବେଳେ ନ୍ୟାୟ କେବେ ମିଳିବ ବୋଲି ରଙ୍ଗା ଲୋହାର ଗଣ ମାଧ୍ୟମ କୁ ପ୍ରଶ୍ନ କରିଛନ୍ତି । ଏହି ଘଟଣାକୁ ନେଇ ଯୋଡା ଜନ ସାଧାରଣରେ ଖୋଦ୍ ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲାରେ ନାରୀ ସୁରକ୍ଷା କୁ ନେଇ ପ୍ରଶ୍ନ ଉଠିଛି ।

## ଗୋ ସଂମ୍ମାନ ଦିବସ ଘୋଷଣା ଦାବିରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅଂଚଳ ର ଗୋ ସେବକ ଭକ୍ତ ମାନେ ଆସିକା ତାଲୁକା ଛକ ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରୁ ଏକ ନାମ ସଂକୀର୍ତନ ରେ ବାହାରି ଗୋ ମାତା ର ସୁରକ୍ଷା ଦେବା, ଗୋ ମାତା କୁ ସଂମ୍ମାନ ଦେବା ଓ ଗୋ ମାତାର ସେବା କରିବା କୁ ହେବ ବୋଲି ଉପସ୍ଥିତ ଗୋ ଭକ୍ତ ମାନେ ମତ ରଖିଥିଲେ । ଏଥି ସହିତ ରାଷ୍ଟ୍ରରେ ଗୋ ସଂମ୍ମାନ ଦିବସ ଘୋଷଣା ଦାବୀ ନେଇ ମହାମହିମ ରାଷ୍ଟ୍ରପତି, ଦେଶର ପ୍ରଧାନମନ୍ତ୍ରୀ, ରାଜ୍ୟ ର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ୦୪ ଗୋଟି ଦାବୀ ପତ୍ର ସହିତ ହଜାର ହଜାର ସଂଖ୍ୟକ ଦସ୍ତଖତ ପତ୍ର ର ନକଲ ଆସିକା ତହସିଲଦାର ସଂଗୀତା ସେନଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସାଧୁ ସନ୍ଥ, ଗୋ ସେବକ ଭକ୍ତ, ଆଇନଜୀବି, ସାମ୍ବାଦିକ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମ ରେ ହରିହର ପାଢ଼ୀଙ୍କ ସଂଯୋଜନାରେ ସାମ୍ବାଦିକ ଯୋଗେନ୍ଦ୍ର ନାଥ ପ୍ରଧାନ, ବିମ୍ବାଧର ପାତ୍ରଙ୍କ ନେତୃତ୍ୱ ରେ ପ୍ରଶାନ୍ତ କୁମାର ଦାସ, ବ୍ରଜବନ୍ଧୁ ଆଚାରୀ, ବୃନ୍ଦାବନ ବେହେରା, ଭେଙ୍କଟରମଣ ପାତ୍ର, କାଉନସିଲର ରାଘବ ସିଅ,ଶିବ ରାମ ମହାରଣା,ରାଧାକୃଷ୍ଣ ପାଣିଗ୍ରାହୀ,ପ୍ରମୋଦ କୁମାର ମହାନ୍ତି,ସୁରେଶ ବିଷୋୟୀ, ଅନିଲ ସ୍ୱାଇଁ, ମଳୟ ସ୍ୱାଇଁ, ରବୀନ୍ଦ୍ର ଆଚାରୀ, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାର ଯଥାଶୀଘ୍ର ଏହି ଦାବୀ ନଶୁଣିଲେ ଆଗାମୀ ଜୁଲାଇ ୨୭ ତାରିଖ ରେ ପୁଣି ଗୋ ଭକ୍ତ ମାନେ ରାଜ ରାସ୍ତା କୁ ଓହ୍ଲାଇବେ ବୋଲି କୁହାଯାଇଛି ।

## ତାଲା ଭାଙ୍ଗି ଘରୁ ୩୦ ଲକ୍ଷର ସୁନା ଗହଣା ଲୁଟ୍

ଯୋଡ଼ା, (ମହାଭାରତ) : ଯୋଡା ଅଞ୍ଚଳରେ ଏକ ବଡ଼ ଧରଣର ଚୋରି ଘଟଣା ଘଟିଛି। ବିଲେଇପଦା ସ୍ଥିତ ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ୍ର ଟାଉନ୍ଶିପ୍ କଲୋନୀରେ ଦୃର୍ବୃତ୍ତମାନେ ଏକ ଘରର ତାଲା ଭାଙ୍ଗି ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେଇଛନ୍ତି। ସୂଚନା ଅନୁସାରେ, କ୍ୱାଟର ନମ୍ବର ଡ/୩ଜ-୧/୫୭ ରେ ବସବାସ କରୁଥିବା କମ୍ପାନୀ କର୍ମଚାରୀ ଦେବଦତ୍ତ ରାୟ ଗତ ୨୧ ତାରିଖରେ ଘରେ ତାଲା ପକାଇ କଟକ ଯାଇଥିଲେ। ଆଜି ଭୋର୍ ପ୍ରାୟ ୩ଟା ସମୟରେ ସେ ଘରକୁ ଫେରିବା ପରେ ଦୃବୃତ୍ତ ତାଙ୍କ ଘରେ କଳାକନା ବୁଲାଇଥିବା ନେଇ ଜାଣିପାରିଥିଲେ। ବେଡ୍ରୁମର ବକ୍ସ ପଲଙ୍କ ଭିତରେ ଏକ ଆଟାଚିରେ ସାଇତି ରଖିଥିବା ସମସ୍ତ ସୁନା ଅଳଙ୍କାର, ଯେଉଁଥିରେ ୬ ସେଟ୍ ସୁନା ହାର, ୫ସେଟ୍ କାନଫୁଲ, ୪ଟି ମୁଦି, ୮ଯୋଡ଼ା ଚୁଡ଼ି ଓ ଗୋଟିଏ ବ୍ରେଶଲେଟ୍ ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ । ଦୃବୃତ୍ତମାନେ ଘରର ପଛପଟ କବାଟର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ।

## କଳିଙ୍ଗନଗରରେ ପାନୀୟ ଜଳ ସଙ୍କଟ

କଳିଙ୍ଗନଗର, (ମହାଭାରତ) : ଯାଜପୁର କଳିଙ୍ଗନଗର ଶିଳ୍ପ ସମୃଦ୍ଧ ଅଞ୍ଚଳରେ ପାନୀୟ ଜଳର ସଙ୍କଟ ଘାରିଛି। ପିଇବାକୁ ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଅଞ୍ଚଳବାସୀ। ଗ୍ରୀଷ୍ମର ପ୍ରଖୋପ ତାତର ଦାଉ ସହ କଳିଙ୍ଗନଗର ଅଞ୍ଚଳରେ ଦିନକୁ ଦିନ ଜଳସ୍ତର କମିବାରେ ଲାଗିଛି। ଭୂତଳ ଜଳ କାରଖାନା ସୋଷିବାରେ ଲାଗିଛି ଯାହାଫଳରେ କଳିଙ୍ଗନଗରନଗର ଅଞ୍ଚଳରେ ବିଶୋଭ ଜଳ ସଂକଟର ପ୍ରଭାବ ପକାଇଛି। କାରଖାନା ପାଖବର୍ତ୍ତି ଗାଁ ଗୁଡ଼ିକର ଲୋକେ ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଥିବାବେଳେ ପ୍ରଦୂଷଣ ର ଛାୟା ବିସ୍ତାର କଳିଙ୍ଗନଗର ବାୟୁମଣ୍ଡଳ ସହ ଭୂତଳ ଜଳମଧ୍ୟ ବିଷାକ୍ତ ହୋଇଗଲାଣି। ନୂତନ ଭାବେ ଖନନ ହେଉଥିବା ନଳକୂପ ବୋରୁଏଲ୍ ଖନନର ପରେ ପିଚୁର ଦୁର୍ଗନ୍ଧ ସହ ପାଣିରେ ଆଇରନ ଲୁହାକଣିକା ଭାସମାନ ହେଉଥିବାବେଳେ ପିଇବାପାଇଁ ଉପଯୋଗି ହୋଇପରୁନାହିଁ। ଯାହା ଫଳରେ ସ୍ୱଚ୍ଛପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି ଏ ଅଞ୍ଚଳର ଜନସାଧାରଣ। କାରଖାନା ପାଖବର୍ତ୍ତି ଅଞ୍ଚଳ ସାରଙ୍ଗପୁର, ବାରଗଡ଼ିଆ, ରଣଗୁଣ୍ଡି,ବାରାଖାଇ, ମାନପୁର, ସୁଆଁଲ, କଣ୍ଡିପୁର, ଏଭଳି ଅନେକ ଗ୍ରାମର ଲୋକେ ଜଳ ସଙ୍କଟ ରେ ପ୍ରଭାବିତ ହେଉଛନ୍ତି। ମଣିଷର ଦୈନ୍ୟ ଦିନ ଜୀବନରେ ପାଣି ମୁନ୍ଦାଏ ସହ ଭରଷା ହେଉଥିବା ବେଳେ। ସ୍ୱଚ୍ଛ ପାଣି ଟୋପାଏ ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି ଅଞ୍ଚଳର ଲୋକେ। ଏପଟେ ଦୂଷିତ ପାଣି ପିଇ ଅନେକ ଲୋକେ କିଡିନ୍ ରୋଗରେ ରୋଗଗ୍ରସ୍ତ ହୋଇଗଲେଣି ଅନେକ ମଲେଣି ଏବିବେ ଗାଁ ଗାଁ ରେ କିଡିନ୍ ରୋଗରେ ଅନେକ ଆକ୍ରାନ୍ତ ।

# ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଦ୍ୱାରା ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ବିଦ୍ୟାଳୟ ଯାତାୟାତ ପାଇଁ ପାୱରବୋଟ ଉଦଘାଟିତ

ପାରାଦୀପ, (ମହାଭାରତ) : ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ପାଇଁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଜଗତସିଂହପୁର ଜିଲ୍ଲାର ଏରସାମା ବ୍ଲକ ଅନ୍ତର୍ଗତ ଦହିବର ଘାଟରେ ୨୪ ଆସନ ବିଶିଷ୍ଟ ଏକ ପାୱରବୋଟ ସୁବିଧା ସୋମବାର ଦିନ ଉଦଘାଟିତ ହୋଇଯାଇଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଧୋବେଇ ଜଙ୍ଗଲ ରାଜସ୍ୱ ଗ୍ରାମ ଅନ୍ତର୍ଗତ ଜପା ଗ୍ରାମ ପଞ୍ଚାୟତର ଝଟିପାରି ଏବଂ ଦହିପାରି ଗ୍ରାମର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଯାତାୟାତ ସୁବିଧା ପ୍ରଦାନ କରିବା। ଏହି ଛାତ୍ରଛାତ୍ରୀମାନେ ପ୍ରତିଦିନ ଅମ୍ବିକି ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଅମ୍ବିକି ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାତ୍ରା କରିଥାନ୍ତି । ଦୀର୍ଘଦିନ ଧରି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ହଂସୁଆ ନଦୀ ପାର ହେବା ପାଇଁ ଅସୁରକ୍ଷିତ ଦେଶୀ ଡୁଙ୍ଗା ଉପରେ ନିର୍ଭର କରୁଥିଲେ, ଯେଉଁଥିରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିଲା। ଏହି ଦୈନିକ ଯାତ୍ରା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ସାଧାରଣ ଲୋକମାନେ ଯେଉଁମାନେ ଦୁଇଚକିଆ ଯାନ ନେଇ ନଦୀ ପାର ହେଉଥିଲେ, ସେମାନଙ୍କ ପାଇଁ ମଧ୍ୟ ବଡ଼ ବିପଦର ଆଶଙ୍କା ରହୁଥିଲା । ତେବେ ଏହି ନୂତନ ୨୪-ଆସନ ବିଶିଷ୍ଟ ପାୱରବୋଟଟି ସୁରକ୍ଷା ମାନକ ଅନୁସାରେ ତିଆରି ହୋଇଛି ଏବଂ ଜୀବନରକ୍ଷା ଜାକେଟ୍ (ଲାଇଫ୍ ଜାକେଟ୍) ସହିତ ସଜିତ। ଏହା ଏହି ଯାତାୟତ ବିପଦ ଦୂର କରିବା ସହ ଅଧିକ ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ଯାତାୟାତ ବ୍ୟବସ୍ଥା ଯୋଗାଇବ। ଏହା ଛାତ୍ରଛାତ୍ରୀଙ୍କ ସହ ଏକାଧିକ ସ୍ଥାନୀୟ ଲୋକଙ୍କୁ ଲାଭାନ୍ୱିତ କରିବ। ଏହି କାର୍ଯ୍ୟକ୍ରମର ଉଦ୍ଘାଟନ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ର ନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ, ଜଗତସିଂହପୁର ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା,ଏରସମା ବ୍ଲକ ଉନ୍ନୟନ ଅଧିକାରୀ ଦାସରଥୀ ଜେନା, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼, ପାରାଦୀପ ଶାଖା ର ଉପ-ସଭାପତି ମନୋଜ ସିଂହ, ଜପା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବିଦ୍ୟୁଲତା ରାଉତ, ଜେଏସଡବ୍ଲ୍ୟୁ ଫାଉଣ୍ଡେସନ, ପାରାଦୀପ ର ଲୋକେସନ ହେଡ଼ ଅଭିଜିତ ମହାନ୍ତି ଙ୍କ ସମେତ ଧୋବେଇ ଜଙ୍ଗଲ ଗ୍ରାମର ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଏହି ପଦକ୍ଷେପକୁ ସାଧାରଣରେ ଉଚ୍ଚ ପ୍ରଶଂସା ଓ ସ୍ୱାଗତ କରାଯିବା ସହ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଦୀର୍ଘଦିନର ସମସ୍ୟାର ସମାଧାନ କରିଥିବା ଯୋଗୁଁ କୃତଜ୍ଞତା ଜଣାଇଛନ୍ତି। ତେବେ ପାରିପାର୍ଶ୍ୱିକ ଅଞ୍ଚଳ ତଥା ଜନସାଧାରଣଙ୍କ ବିକାଶ ନିମନ୍ତେ ଜେଏସଡବ୍ଲ୍ୟୁର ପଦକ୍ଷେପ ସାଧାରଣରେ ଉଦାହରଣ ସୃଷ୍ଟି କରିଛି ।



## ଋଟିକଣା ଗ୍ରାମରେ 'ଆମ ପୋଲିସ ସମିତି' ବୈଠକ



ବିଷମକଟକ:(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଋଟିକଣା ଗ୍ରାମରେ 'ଆମ ପୋଲିସ ସମିତି' ପକ୍ଷରୁ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ଥାନା ଆଇଆଇସି ସମର୍ପିତା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ବୈଠକରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ବିଭିନ୍ନ ସାମାଜିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଆଇଆଇସି ଶ୍ରୀମତୀ ସ୍ୱାଇଁ ମୁଖ୍ୟତଃ ତିନୋଟି ଦିଗ ଉପରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ସୁରକ୍ଷିତ ଯାତ୍ରା ପାଇଁ ହେଲମେଟ ବ୍ୟବହାର, ଜୀବନର ମୂଲ୍ୟ ବହୁତ ଅଧିକ, ତେଣୁ ବାଇକ୍ ଚଲାଇବା ସମୟରେ ନିୟମିତ ଭାବେ ହେଲମେଟ୍ ପିନ୍ଧିବାକୁ ସେ ଅନୁରୋଧ କରିଥିଲେ। ଏହାସହ ଟ୍ରାଫିକ୍ ନିୟମ ମାନିବାକୁ ସେ ଗୁରୁତ୍ୱ ଦେଇଥିଲେ,କୋମଳମତି ଶିଶୁ କନ୍ୟାଙ୍କ ଭବିଷ୍ୟତ ସହ ଖେଳ ନକରି ବାଲ୍ୟ ବିବାହ ଭଳି ବେଆଇନ କାର୍ଯ୍ୟରୁ ନିବୃ□ ରହିବାକୁ ସେ ଗ୍ରାମବାସୀଙ୍କୁ ବୁଝାଇଥିଲେ। କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିବା ଜାଣିବାକୁ ପାଇଲେ ତୁରନ୍ତ ପୋଲିସକୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ,ସାମ୍ପ୍ରତିକ ସମୟରେ ସାଇବର ଠକେଇର ନୂଆ ରୂପ 'ଡିଜିଟାଲ୍ ଆରେଷ୍ଟ' ସମ୍ପର୍କରେ ସେ ଲୋକଙ୍କୁ ସତର୍କ କରାଇଥିଲେ। ପୋଲିସ ବା କୌଣସି ସରକାରୀ ସଂସ୍ଥା ଭିଡିଓ କଲ୍ କରି ଟଙ୍କା ମାଗନ୍ତି ନାହିଁ କିମ୍ବା ଘରେ ବନ୍ଦୀ କରି ରଖନ୍ତି ନାହିଁ, ତେଣୁ ଏଭଳି କଲ୍ ଆସିଲେ ଭୟଭୀତ ନହୋଇ ସାହସର ସହ ମୁକାବିଲା କରିବାକୁ ସେ କହିଥିଲେ।ଏହି ବୈଠକରେ ପୋଲିସ କର୍ମଚାରୀଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଇଆଇସିଙ୍କ ଏହି ଜନସମ୍ପର୍କ ଅଭିଯାନକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ସ୍ୱାଗତ କରାଯାଇଛି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି ଜିଲ୍ଲା ନୂଆଗଡ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନିନ୍ଦ୍ର ହୋନନାଗ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ନୂଆଗଡ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୩୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୩ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୨୦ ଗୋଟି ଅଭିଯୋଗ ଆସିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୮ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ,ନୂଆଗଡ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମାଳତୀ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲୋକନାଥ ଶବର,ତହସିଲଦାର ମୋନାଲିସା ଆଚାରୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଓଁ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ବାର୍ଷିକ ଉତ୍ସବ



ନୂଆଗାଁ ୨୭ଯ୦୪ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପାରିପି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଭୟପୁର ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଥାଉ ଆଜି ସକାଳ ୮ ଘଟିକା ସମୟରେ ଠାକୁରଙ୍କ ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା ସହ ବାଲଣ୍ଡା ନଦୀରୁ ଜଳ ଲାଗି ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ମୁଣ୍ଡରେ କଳସ ଶୋଭାଯାତ୍ରାରେ ବାହାରି ଅଭୟପୁର ଗ୍ରାମରେ ଥିବା ପ୍ରଭୁ ରଘୁନାଥ ଦେବଙ୍କ ପୀଠରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଦିବା ୧୨ ଘଟିକା ସମୟରେ ନାମଯଜ୍ଞ ଓ ହୋମଯଜ୍ଞ ଏବଂ ଭୃତଯଜ୍ଞ ଧୂମଧାମରେ ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ସାମିଲ ହୋଇଥିଲେ ପ୍ରଭୁ ଙ୍କୁ ଦର୍ଶନ କରିବା ସହିତ ବିଭୁକୃପା ଲାଭ କରିଥିଲେ।ଯାହାକି ଗ୍ରାମରେ ଏକ ଆଧାତ୍ମିକ ପରିବେଷ ସୃଷ୍ଟି ହୋଇଥିଲା।ଅପରାହ୍ନ ୩ଘଟିକା ସମୟରୁ ରାତ୍ର ପର୍ଯ୍ୟନ୍ତ ପ୍ରସାଦସେବନ କାର୍ଯ୍ୟକ୍ରମ ହୋଇଥିଲା।ସନ୍ଧ୍ୟା ବେଳେ ଭୁବନେଶ୍ୱର ଭକ୍ତି ଆରାଧନା ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା।ରାତ୍ର ୧୦ ଘଟିକା ସମୟରେ ମହାନ ପୌରାଣିକ ନାଟକ କୃଷ୍ଣ ସୁଦାମ ବା ରୁକ୍ମଣୀ ସତ୍ୟଭାମା କଳି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଯୋଗଦେଇ ପ୍ରଭୁ ରଘୁନାଥ ଜୀଉଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା,ସ୍ଥାନୀୟ ସରପ□ ବିଭୁତି ଭୂଷଣ ପ୍ରଧାନ ସମେତ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଶଙ୍କର୍ଷଣ ବେହେରା,ଗ୍ରାମ ସଭାପତି ଶରତ ବେହେରା,ସମ୍ପାଦକ ଭଜମନ ବେହେରା ଏବଂ ଗ୍ରାମବାସୀଙ୍କ ସହଯୋଗରେ ହୋଇଥିଲା।

# ସଡ଼କ, ସ୍ୱାସ୍ଥ୍ୟ, ପାନୀୟ ଜଳରୁ ବଞ୍ଚିତ ତଲାରିମାହା ପଞ୍ଚାୟତ

ଘୁ.ଉଦୟଗିରି: :କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ତଲାରିମାହା ପଞ୍ଚାୟତର ଅନେକ ଗ୍ରାମକୁ ପକ୍କାସଡ଼କ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତଓ ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଆଜି ଯାଏଁ ଅପହଞ୍ଚ ରହିଛି। ୧୧ ଗୋଟି ୱାର୍ଡ, ୧୪ ଗୋଟି ରାଜସ୍ୱ ଗ୍ରାମ ଓ ୩୪ ଗୋଟି ପଡା ଗ୍ରାମକୁ ନେଇ ତଲାରିମାହା ଗ୍ରାମପଞ୍ଚାୟତ ଗଠିତ। ଏହାର ଜନସଂଖ୍ୟା ୩୫୦୦ରୁ ଉର୍ଦ୍ଧ୍ୱ । ଗଟାମାହା, ଭଞ୍ଜପଦର, ସାକା, ଦଦଡ଼ମାହା, ଡାଡ଼ିସାହି, ପଧାନପଡା, ଡୁଗୁଡ଼ି-କ, ଡୁଗୁଡ଼ି-ଖ, କାସିରିଖୋଲ, ରେଢ଼ାସିଙ୍ଗି, କରିକାଡୁ ଏବଂ ପିତାଦେଇ ଗ୍ରାମକୁ ବସୁଧା ଯୋଜନାରେ ଜଳଯୋଗାଣ ହୋଇପାରିନାହିଁ। ପଞ୍ଚାୟତର ପିତାଦେଇ ଏକ ଦୁର୍ଗମ ଗ୍ରାମ ହୋଇଥିବା ବେଳେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଉକ୍ତ ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ, ବିଦ୍ୟୁତ ସ୍ୱାସ୍ଥ୍ୟ, ଶିକ୍ଷା ସେବା, ମୋବାଇଲ୍ ନେଟୱାର୍କ ଏବଂ ପାନୀୟଜଳ ରୁ ଗ୍ରାମବାସୀ ମାନେ ବଞ୍ଚିତ ଅଛନ୍ତି ।ତଲାରିମାହା ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ତଲାରିମାହା ଠାରେ ଏକ ନୂତନ ସବ୍ ସେଣ୍ଟର୍ ନିର୍ମାଣ କରାଯାଇଛି କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ଯାହା ଦ୍ୱାରା ଜନସାଧାରଣ ମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ସାକା, ଦଦଡ଼ିମାହା ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ପଞ୍ଚାୟତର ତଲାରିମାହା, ଗଟାମାହା,



ଭଞ୍ଜପଦର, ଡାଡ଼ିସାହି, କରିକାଡୁ, ପିତାଦେଇ ଗ୍ରାମରେ ମୋବାଇଲ ଟାୱାର ନଥିବାରୁ ଗ୍ରାମବାସୀମାନେ ମୋବାଇଲ୍ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି ।ତିନି ମାସ ହେଲା ଟୋପାଏ ପାଣି ପାଇଁ ଡହଳବିକଳ ଘୁ ଉଦୟଗିରି ଏନଏସିର ୮ ନମ୍ବର ୱାର୍ଡ ବାସିନ୍ଦା। ଅଞ୍ଚଳବାସୀଙ୍କ ଜମି ଅଛି ହେଲେ ଋଷ କରିବା ପାଇଁ ଜମିକୁ ଜଳ ନାହିଁ ଏଣୁ ଜମି ପଡିଆ ପଡି ରହୁଛି ।ଋଷୀ ଋଷ ପ୍ରତି ମୁହଁ ମୋଡି ଦାଦନ ଖଟିବାକୁ ସୁଦୂର କେରଳ,ବେଙ୍ଗାଲୁର,ସୁରଥ,ଚେନେଇ ଜାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ପଞ୍ଚାୟତର ଡୁଗୁଡ଼ି ଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନାହାନ୍ତି ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ତଳ-ବାଲୁମାହା, ସାକା, ଗଟାମାହା, ପଧାନପଡ଼ା ଏବଂ ଡୁଙ୍ଗି ଗ୍ରାମ ବ୍ୟତୀତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗି ନାହିଁ ।ପଞ୍ଚାୟତରର ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଗଟାମାହା ଗ୍ରାମର ସମାଜସେବୀ ରାଜେଶ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ୧୦୦ ରୁ ଉର୍ଦ୍ଧ୍ୱ ଚିଠି ପତ୍ର ଲେଖି ଅବଗତ କରିବା ପରେ ତଲାରିମାହା ଠାରୁ ରେଢ଼ାସିଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇପାରିଛି ଏବଂ ଜବେଡ଼ି, ବାଲୁମାହା, ପଧାନପଡ଼ା ଓ କାସିରିଖୋଲ ଠାରେ ମୋବାଇଲ୍ ଟାୱାର ସ୍ଥାପନ ହୋଇପାରିଛି ।

## ପୋଡାପଦରରେ ବାଲିଯାତ୍ରା ଅନୁଷ୍ଠିତ



ବୋରିଗୁମ୍ମା (ମହାଭାରତ): ଆଧୁନିକ ଯୁଗରେ ମଣିଷ ଭୁଲିନି ନିଜର କଳା, ସଂସ୍କୃତି ଓ ପରମ୍ପରା ।ଏହି ପରମ୍ପରାକୁ ବଜାୟ ରଖିବା ପାଇଁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପୋଡ଼ାପଦର୍ ଗାଁରେ ପାଳନ ହୋଇଛି ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା । ପୋଡ଼ାପଦର୍ ଗାଁରେ ନିଆରା ଢଙ୍ଗରେ ଏହି ଯାତ୍ରା ପାଳନ କରିଛନ୍ତି ପିଲା ଠୁ ବୟସ୍କ ଯଏ୩ ବର୍ଷ ରେ ଥରେ ପାଳନ ହେଉଥିବା ବାଲିଯାତ୍ରାକୁ ବେଶ୍ ଧୁମ୍ ଧାମରେ ପାଳନ କରାଯାଇଛି । ପୋଡାପଦର୍ ସହିତ ଆଖ ପାଖ ଗାଁରୁ ହଜାର ହଜାର ଲୋକ ରୁଣ୍ଡ ହୋଇ ପ୍ରତି ୩ ବର୍ଷ ପରେ ପାରମ୍ପରିକ ରୀତି ନୀତିରେ ବାଜା ବାଣ ଫୁଟାଇବା ସହିତ ବିଭିନ୍ନ ଆଦିବାସୀ ଲୋକ ସଂସ୍କୃତି ପଟୁଆର କରି ନାଚ ଗୀତରେ ଧୁମରେ ଝୁମିଛନ୍ତି। ଏହି ଅବସରରେ ଆଦିବାସୀଙ୍କ ଦେବତା ଭିମା ଭିମାଣି ଙ୍କୁ ପୂଜା କରାଯାଇଛି । ବାଲି ଘରୁ ବାଲି ଚଙ୍ଗୁଡ଼ିରେ ଗଜା ଶସ୍ୟ କୁ ମହିଳା ମାନେ ନିଜ ନିଜର ମୁଣ୍ଡରେ ବୋହି ନେଇଥିବା ବେଳେ ପୁରୁଷ ମାନେ ଋଷ କାମରେ ବ୍ୟବହୃତ ହଳ, ଲଙ୍ଗଳ, କୋଡ଼ି, କୋଦାଳକୁ ବୋହି ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାରେ ବାହାରି ଧାର୍ଯ୍ୟ ସମୟ ଅନୁଯାୟୀ ଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଛି । ବାଲିରେ ଶସ୍ୟ ଯାତ ଦ୍ରବ୍ୟ ଯଥା ଧାନ,ଗହମ,ମାଣ୍ଡିଆ,ମକା, ଶୁଆଁ ,ମୁଗ ,ବିରି ଆଦି ବୁଣା ଯାଏ ଯେଉଁ ଦିନ ସେହି ଦ୍ରବ୍ୟ ରୁ ଅଙ୍କୁର ଜାତ ହୁଏ ସେ ଦିନ ବାଲି ଯାତ୍ରା ଅନୁଷ୍ଠିତ ହୁଏ। ଏହି ପୂଜା କଲେ ଗାଈ ଗୋରୁ ସହିତ ଲୋକଙ୍କୁ କୌଣସି ରୋଗ ହୁଏ ନାହିଁ ଏବଂ ଋଷ କାର୍ଯ୍ୟ ଭଲ ହୁଏ ବୋଲି ବୋଲି ବିଶ୍ୱାସ ରହିଛି ।ଏହି କାର୍ଯ୍ୟକ୍ରମ ଟିକୁ ବାଲିଯାତ୍ରା ଆୟୋଜନ କମିଟିର ସଭାପତି ଚିତ୍ରସେନ ମିଶ୍ର , ଉପସଭାପତି ଫୋରୋଜ ମିଶ୍ର , ସମ୍ପାଦକ - ଗୌରୀ ଶଙ୍କର ଦାସ, କୋଷାଧକ୍ଷ - ସୁରେଶ ଷଡ଼ଙ୍ଗୀଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରାୟ ୨୦୦ରୁ ଉର୍ଦ୍ଧ ଗ୍ରାମର ଯୁବ ବାହିନୀ ଗଠନ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ସହିତ ଲୋକଙ୍କୁ ପାନୀୟ ଜଳ ଯୋଗାଣ ,ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ବି ସିଂହପୁର ଥାନା ଅଧିକାରି ଲିମାରାଜ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ବାହିନୀ ଯାତ୍ରା ର ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।ପୋଡ଼ାପଦର୍ ପରେ ବୋରିଗୁମ୍ମା ବ୍ଲକର କାମତା ଗାଁ ରେ ୧୨ ବର୍ଷ ପରେ ୨୮ ତାରିଖ ଦିନ ଏହି ବାଲିଯାତ୍ରା ଅନୁଷ୍ଠିତ ହେବ ସେହିପରି ଆଗାମୀ ମେ ୭ ତାରିଖ ଦିନ ବ୍ଲକର କୁମୁଲି ଗାଁରେ ମଧ ୧୨ ବର୍ଷ ପରେ ଏହି କୃଷି ଭିତ୍ତିକ ଆଦିବାସୀ ପାରମ୍ପରିକ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।ଶେଷରେ ମେ ୧୦ ତାରିଖ ଦିନ ବିସିଂହପୁର ଗ୍ରାମରେ ଜୟପୁର ରଜା ଅମଳରୁ ଋଲିଆସୁଥିବା ବାଲିଯାତ୍ରା ଅନୁଷ୍ଠିତ ହେବ।

## ପାଣି ନାହିଁ ତେବେ ମିଟିଙ୍ଗ ନାହିଁ,ଚମ୍ପିରେ ମହିଳାଙ୍କ ଗର୍ଜନ



ଲକ୍ଷ୍ମୀପୁର,(ମହାଭାରତ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଚମ୍ପି ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଆଜି ଭୟଙ୍କର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି ବୈଠକ ଆରମ୍ଭ ପୂର୍ବରୁ ଗ୍ରାମର ମହିଳାମାନେ ବାଲ୍ଟି ଓ ହାଣ୍ଡି ଧରି ସଭାସ୍ଥଳରେ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ପାଣି ଦିଅ, ତା ପରେ ମିଟିଙ୍ଗ କର ପାଣି ନାହିଁ ତେବେ ମିଟିଙ୍ଗ ନାହିଁ ବୋଲି ସ୍ଲୋଗାନ ଦେଇ ସେମାନେ ଅଧିକାରୀମାନଙ୍କୁ ଘେରାଉ କରିଥିଲେ। ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ଚମ୍ପି ଗ୍ରାମ ପଞ୍ଚାୟତରେ ଦୀର୍ଘ ଦିନ ଧରି ପିଇବା ପାଣିର ଗୁରୁତର ସଂକଟ ରହିଛି। ଗ୍ରାମରେ ଥିବା ଏକମାତ୍ର ନଳକୂଅରୁ ଅଳ୍ପ ଓ ଅଶୁଦ୍ଧ ପାଣି ବାହାରୁଥିବାରୁ ସେହି ପାଣି ପିଇବା ଯୋଗ୍ୟ ନୁହେଁ ବୋଲି ଅଭିଯୋଗ ହେଉଛି। ଏନେଇ ଗ୍ରାମବାସୀମାନେ ପୂର୍ବରୁ ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅନେକଥର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ମିଳିନାହିଁ। ଖରା ଦିନ ଆସିଥିବା ସ□ତ୍ତ୍ୱ ମଧ୍ୟ ପାଣିର ବ୍ୟବସ୍ଥା ନ ହେବାରୁ ଗ୍ରାମବାସୀମାନେ ଦୈନିକ ଜୀବନରେ ଦୁର୍ବିସ୍ଥତାର ସମ୍ମୁଖୀନ ହେଉଛନ୍ତି। ପାଣି ପାଇଁ ଗ୍ରାମରୁ ପ୍ରାୟ ୧ କିଲୋମିଟର ଦୂରରେ ଥିବା ନଦୀକୁ ଯିବାକୁ ପଡୁଥିବାରୁ ବୃଦ୍ଧ ଓ ମହିଳାମାନେ ଅସୁବିଧାରେ ପଡୁଛନ୍ତି ।ପାଣି ବିନା ଆମେ ବଞ୍ଚିବୁ କେମିତି ? ନଦୀର ପାଣି ପିଇବାକୁ ବାଧ ହେବୁ କି ? ବୋଲି ମହିଳାମାନେ ପ୍ରଶ୍ନ କରିଥିଲେ। ସରକାର ପକ୍ଷରୁ ପିଇବା ପାଣି ପାଇଁ ବିଭିନ୍ନ ଯୋଜନା ଘୋଷଣା ହେଉଥିବା ସତ୍ତ୍ୱେ□ ଚମ୍ପି ଗ୍ରାମରେ ତାହାର ପ୍ରଭାବ ଦେଖାନପଡ଼ିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଭିଯୋଗ ଶୁଣି ବୈଠକରେ ଉପସ୍ଥିତ ଅଧିକାରୀମାନେ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧାନ କରିଥିବା ସହିତ ମହିଳାମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତଥାପି ସ୍ଥାୟୀ ସମାଧାନ କେବେ ହେବ ନେଇ ପ୍ରଶ୍ନ ରହିଯାଇଛି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ଚେତାବନି ଦେଇଛନ୍ତି ଯେ, ଯଦି ଶୀଘ୍ର ପାଣିର ବ୍ୟବସ୍ଥା ନ କରାଯାଏ, ଆସନ୍ତା କିଛି ଦିନ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଆଗରେ ହାଣ୍ଡି-ବାଲ୍ଟି ନେଇ ଧାରଣା ଦେବେ। ବର୍ତ୍ତମାନ ପ୍ରଶାସନ କେତେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେଉଛି, ସେଥିପାଇଁ ସଭିଙ୍କ ଦୃଷ୍ଟି ରହିଛି।

## ଦକ୍ଷତା ବିକାଶ ପାଇଁ 'ସମର ଫେଷ୍ଟିଭାଲ'

ଗଣିଆ,(ମହାଭାରତ): ଗଣିଆ ବ୍ଲକ ସ୍ଥିତ ଡ.ଆର.ସି. ସାମନ୍ତରାୟ ଇନଷ୍ଟିଚୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମହାବିଦ୍ୟାଳୟ ପରିସରରେ ରବିବାର ଦିନ ସନ୍ଧ୍ୟା ରେ ବାର୍ଷିକ 'ସମର ଫେଷ୍ଟିଭାଲ' ମହାସମାରୋହରେ ପାଳନ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଦୁର ଆମେରିକାରୁ ଆସି ଉକ୍ତ ମହାବିଦ୍ୟାଳୟର ସଂପାଦକ ଭାବେ କାର୍ଯ୍ୟରତ ଏଲ୍. ଦାଦ କାଇଣ୍ଡ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟ ର ଅଧକ୍ଷ ମଳୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କବିଚନ୍ଦ୍ର ସାମନ୍ତରାୟ, ଅଧାପକ ଉମାକାନ୍ତ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍ଘାଟନ କରିଥିଲେ। ସେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କଲେଜର ଅଧାପକ ମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମଞ୍ଚାସିନ ଅତିଥି ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।

## ମିଳୁନାହାନ୍ତି ବଳଦ: ୫ ବର୍ଷରେ ୫୦% ହ୍ରାସ, ୧.୧୭ ଲକ୍ଷ ଗୋରୁ ଉଭାନ



ସମ୍ବଲପୁର: ଚଳିତବର୍ଷ ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ ପାଇଁ ଋଷୀଙ୍କୁ ମିଳିଲା ନାହିଁ ବଳଦୟ ସ୍ଥିତି ଏଭଳି ହେଲା ଯେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଉଚକାପାଟରେ ବଳଦ ଅଭାବରୁ ଅଘରିଆ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରାକ୍ଟରରେ ଅଖିମୁଠି ଅନୁକୂଳ ହୋଇଥିଲା। ବହୁସଂଖ୍ୟାରେ ଋଷୀ ତ ଅଖିମୁଠିପାଳନ ହିଁ କଲେ ନାହିଁୟ ଯେଉଁମାନେ କଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବୁା ବଳଦରେ ଔପଋରିକ ଭାବେ ହଳ କରିଥିଲେ। କାରଣ ୫ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ବଳଦ ସଂଖ୍ୟା ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ଅର୍ଥାତ ୨୦୨୧ ମସିହାର ଗଣନା ଅନୁଯାୟୀ ଯେଉଁଠି ଜିଲ୍ଲାରେ ୫୮ ହଜାର ୧୨୪ ବଳଦ ଥିଲେ, ଏବର୍ଷ ସେ ସଂଖ୍ୟା ୨୯ ହଜାରକୁ କମିଯାଇଛି। ସେଥିରେ ପୁଣି ଏସ୍ଏମ୍ବି ଓ ଶିଳ୍ପା□ଳ ରେଙ୍ଗାଲିରେ ଗୋରୁଙ୍କ ସଂଖ୍ୟା ଉଦ୍ବେଗଜନକ ଭାବରେ କମିଛି। ସିଡିଭିଓ କାର୍ଯ୍ୟାଳୟର ସୂଚନା ଅନୁସାରେ କେବଳ ବଳଦ ନୁହେଁ, ସମ୍ବଲପୁର ଜିଲ୍ଲାରେ ଉଭୟ ଗାଈ ଓ ବଳଦଙ୍କୁ ମିଶାଇ ଗୋ'ସମ୍ପଦ ହ୍ରାସ ପାଇବାରେ ଲାଗିଛି। କୋଭିଡ୍ ପରଠାରୁ ଏହା ଜଟିଳ ହୋଇଛି।୨୦୨୧ ମସିହାରେ ଜିଲ୍ଲାରେ ସମୁଦାୟ ୨.୪୭ ଲକ୍ଷ ଗୋରୁ ଥିଲାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧.୩ ଲକ୍ଷକୁ କମିଛି। ଏଭଳି କୌଣସି ବ୍ଲକ୍ ନାହିଁ ଯେଉଁଠି ଗୋରୁଙ୍କ ସଂଖ୍ୟା ହ୍ରାସ ପାଇ ନାହିଁ। ରେଙ୍ଗାଲି ବ୍ଲକ୍ରେ ଗୋରୁ ସଂଖ୍ୟା ୧୮ ହଜାର ୮୫୭ରୁ ୫୫୦୮କୁ କମିଛିୟ ସମ୍ବଲପୁର ଭଳି କୃଷି ଜିଲ୍ଲାରେ ସ୍ଥିତି ଯଦି ଏଭଳି, ଅନ୍ୟ ଜିଲ୍ଲାମାନଙ୍କରେ ଅବସ୍ଥା କିଭଳି ଥିବ ତାହା ଅନୁମାନ କରାଯାଇପାରେ। ଏହାକୁ ନେଇ ଋଷୀ ବ୍ୟୋମକେଶ ଠାକୁର କହିଛନ୍ତି, ବର୍ତ୍ତମାନ ପୂର୍ବଭଳି ବଳଦରେ ଜମି ଯୋତାଯାଉ ନାହିଁ। ପାୱାର ଟିଲର୍ କିମ୍ବା ଟ୍ରାକ୍ଟରରେ ଜମି ଋଷ ହେଉଛି। ତେଣୁ ଋଷୀ ବଳଦ ରଖିବାକୁ ଆଗ୍ରହୀ ହେଉ ନାହାନ୍ତି ।ଗୋରୁ ଚରାଇବା ପାଇଁ ଲୋକ ମିଳୁ ନାହାନ୍ତି କି ଘାସ ବା ନଡ଼ା ବି ଉପଲବ୍ଧ ହେଉନାହିଁ। ପାୱାର ଟିଲରରେ ଋଷ କଲେ କେବଳ ଆବଶ୍ୟକ ସମୟରେ ଡିଜେଲ ଖର୍ଚ୍ଚ ହେଉଛି। କିନ୍ତୁ ବଳଦରେ ଋଷ ହେଲେ ଋଷୀଙ୍କୁ ବର୍ଷସାରା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବଳଦଙ୍କୁ ନିୟୋଜିତ କରି ହଳ ବୁଲାଇବାକୁ ଲୋକ ବି ମିଳୁ ନାହାନ୍ତି। ସେଥିରେ ପୁଣି ଗାଁରେ ଗୋଚର ଜମି ବି ନାହିଁ। ଋଷୀଙ୍କ ପାଇଁ ବଳଦ ବୋଝରେ ପରିଣତ ହୋଇସାରିଛି। ଗତବର୍ଷ ସେ ନିଜେ ଘରର ବଳଦକୁ କିଛି ଟଙ୍କା ଦେଇ ଅନ୍ୟ ଏକ ଗାଁର ଜଣେ ଗୋରୁ ଚରୁଆଳିକୁ ଦେଇଥିବା କହିଛନ୍ତି ବ୍ୟୋମକେଶ। ଧାନ ବିକ୍ରି ସମସ୍ୟା ସହିତ ବଳଦ ଅଭାବ ଯୋଗୁଁ ଅକ୍ଷୟ ତୃତୀୟା ଆଉ ଗାଁରେ କେହି ଋଷୀ ପାଳନ କରୁ ନାହାନ୍ତି ।ଋଷୀ ଯୋଗବିହାରୀ କହିଛନ୍ତି, ବାମରା ଅଣଜଳସେଚିତ ଅଞ୍ଚଳ। ଏହା ସତ୍ତ୍ୱେ ଏଠାରେ ବଳଦ ମିଳିଲା ନାହିଁ। କେବଳ ଚଳିତ ବର୍ଷ ନୁହେଁ, କିଛି ବର୍ଷ ହେଲା ଏହି ସ୍ଥିତି ଜାରି ରହିଛିୟ ଯେଉଁମାନେ ବି ଅଛନ୍ତି, ରାସ୍ତା କଡ଼ରେ ଅଧିକାଂଶ ସମୟରେ ପଞ୍ଜରା ହାଡ଼ ଧରି ବୁଲୁଛନ୍ତି। ସମ୍ବଲପୁର ସିଡିଭିଓ ଶିବ ପ୍ରସାଦ ଦାସ ମଧ୍ୟ ବଳଦ ସଂଖ୍ୟା ହ୍ରାସକୁ ସ୍ୱୀକାର କରିଛନ୍ତି। ଋଷରେ କ୍ରମାଗତ ଭାବରେ ଏହାର ଉପଯୋଗିତା ହ୍ରାସ ଏକ ବଡ଼ କାରଣ ବୋଲି କହିଛନ୍ତି। କୋଭିଡ୍ ସମୟରେ ଗୋରୁମାନେ ଖାଇବାକୁ ନ ପାଇବାରୁ ସେମାନଙ୍କ ସଂଖ୍ୟା କମିବାକୁ ଲାଗିଥିବା କହିଛନ୍ତି।

## ହସ୍ପିଟାଲ ଅବ୍ୟବସ୍ଥାକୁ ନେଇ ଧାରଣା

କପ୍ତିପଦା -(ମହାଭାରତ ):କପ୍ତିପଦା ମେଡିକାଲର ଅବ୍ୟବସ୍ଥା କୁ ନେଇ ତାତିଲେ ଅଞ୍ଚଳବାସୀ। ଶ୍ରୀରାମ ସେବା ଟ୍ରଷ୍ଟ ପକ୍ଷରୁ ନିଆରା ତରିକାରେ ମେଡିକାଲ ସାମ୍ନାରେ ଧାରଣାରେ ବସିଲେ। ଉଦଳା ରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି, ମେଡିକାଲରେ ଥିବା ଲିଫ୍ଟ ଅଚଳ ହୋଇ ରହିବା, ପାନୀୟ ଜଳ ସମସ୍ୟା, ଅନେକ ସମୟରେ ରୋଗୀ ଏବଂ ସମ୍ପର୍କୀୟ ଙ୍କୁ ଦୁର୍ବ୍ୟବହାର କରିବା, ସିନିୟର ଡାକ୍ତର



ଙ୍କ ବଦଳରେ ଜୁନିୟର ଡାକ୍ତର ମେଡିକାଲରେ ବେପରୁଆ ଭାବେ ରୋଗୀ ଦେଖିବା, ଅନେକ ସମୟରେ ରୋଗୀ ଦେଖାରେ ଅବହେଳା କରି ରୋଗୀଙ୍କୁ ବାରମ୍ବାର ରେଫର କରାଯିବା ଏଭଳି ଅନେକ ସମସ୍ୟା କୁ ନେଇ ତାତିଛନ୍ତି ଆନ୍ଦୋଳନକାରି। ବାରମ୍ବାର ଏ ନେଇ ଟ୍ରଷ୍ଟ ପକ୍ଷରୁ ଦାବି ଉଠାଇ ଥିବା ବେଳେ କେହି ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଆଜି ତାତିଛନ୍ତି ଅଞ୍ଚଳବାସି। ରୋଗୀ ସେବା ନାମରେ ଶୋଷଣ କରାଯାଉଥିବାରୁ ଏହାକୁ ବିରୋଧ କରିଛନ୍ତି ଆନ୍ଦୋଳନକାରି। ଦାବି ସମୂହ ଉପରେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କହିଛନ୍ତି ଆନ୍ଦୋଳନକାରି ଉଦଳା ବ୍ଲକ ଉପ ନଗରପାଳ।

## ମାଲି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହତ୍ୟା

ନୂଆଦିଲ୍ଲୀ : ମାଲି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହତ୍ୟା । ରାଜଧାନୀ ନିକଟବର୍ତ୍ତୀ କାଟି ସେନା ଘାଟି ନିକଟରେ ହୋଇଥିବା ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ମାଲି ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ସାଦିଓ କାମାରାଙ୍କ ମୃତ୍ୟୁ ହୋଇଛି । ଆତଙ୍କବାଦୀମାନେ ଜେନେରାଲ୍ କାମାରାଙ୍କ ବାସଭବନ ଆଗରେ ଶକ୍ତିଶାଳୀ କାର୍ ବୋମା ବିସ୍ଫୋରଣ କରିଥିଲେ। ଏହାପରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ବିସ୍ଫୋରଣରେ ମନ୍ତ୍ରୀ କାମାରାଙ୍କ ସହ ତାଙ୍କର ଦ୍ୱିତୀୟ ପତ୍ନୀ ଏବଂ ଦୁଇ ନାତିନାତୁଣୀଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଖବର ମିଳିଛି। ଅଲ-କାଏଦା ସହ ଜଡିତ ଆତଙ୍କବାଦୀ ସଙ୍ଗଠନ ଔଘଓଗ ଏବଂ ଟୁଆରେଗ୍ ବିଦ୍ରୋହୀ ଗୋଷ୍ଠୀ ମିଳିତ ଭାବେ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛନ୍ତି। କେବଳ କାଟି ନୁହେଁ, ବାମାକୋ ବିମାନବନ୍ଦର, ଗାଓ, କିଡାଲ ଏବଂ ସେଭାରେ ଭଳି ଅନ୍ୟାନ୍ୟ ସହରରେ ମଧ୍ୟ ଜୋରଦାର ଆକ୍ରମଣ ହୋଇଛି। ସାଦିଓ କାମାରା ମାଲିର ସାମରିକ ଶାସନର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ନେତା ଥିଲେ। ୨୦୨୦ ଏବଂ ୨୦୨୧ ସାମରିକ ବିଦ୍ରୋହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫ୍ରାନ୍ସ ସହ ସମ୍ପର୍କ ଛିନ୍ନ କରି ରୁଷିଆର 'ୱାଗନର୍ ଗ୍ରୁପ୍' ସହ ସାମରିକ ମେଣ୍ଟ କରିବାରେ ତାଙ୍କର ବଡ଼ ହାତ ଥିଲା। ତାଙ୍କର ମୃତ୍ୟୁ ପରେ ମାଲିର ସୁରକ୍ଷା ବ୍ୟବସ୍ଥା ଏବଂ ସାମରିକ ଶାସକଙ୍କ ପାଇଁ



ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। କାମାରାଙ୍କ ହତ୍ୟା ପରେ ମାଲି ସରକାର ରାଜଧାନୀରେ ୭୨ ଘଣ୍ଟିଆ କର୍ଫ୍ୟୁ ଘୋଷଣା କରିଛନ୍ତି। ଶାସନ ପରିଚାଳନାକୁ ନେଇ ମାଲିରେ ଗୃହ ଯୁଦ୍ଧ ତେଜିବାରେ ଲାଗିଛି। ଫ୍ରାନ୍ସ ସମର୍ଥିତ ବିଦ୍ରୋହୀ ଗୋଷ୍ଠୀ ଅଧିକାଂଶ ସହରକୁ ନିଜ କବଜାକୁ ନେଇଥିବା ଦାବି କରୁଥିବା ବେଳେ ସେଗୁଡିକୁ ବିଦ୍ରୋହୀଙ୍କ ହାତରୁ ଛଡାଇ ଆଣିବା ପାଇଁ ରଷ ସମର୍ଥିତ ୱାଗନର ଗ୍ରୁପ ଜୋରଦାର ଉଦ୍ୟମ କରୁଛନ୍ତି।

## ପାକିସ୍ତାନରେ ଲସ୍କର ଆତଙ୍କବାଦୀ ଶେଖ ୟୁସୁଫ ଆଫ୍ରିଦିକୁ ଗୁଳି କରି ହତ୍ୟା





ଇସଲାମାବାଦ: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଲ୍ ?ଇଟି)ର ଜଣେ କମାଣ୍ଡର ଶେଖ ୟୁସୁଫ ଆଫ୍ରିଦିକୁ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳି କରି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀମାନେ ଆଫ୍ରିଦିଙ୍କ ଉପରକୁ ଅନେକ ରାଉଣ୍ଡ ଗୁଳି ଚଳାଇଥିଲେ। ଆଫ୍ରିଦି ଏଲ୍ ଇଟି କମାଣ୍ଡର ହାଫିଜ୍ ସଇଦର ଜଣେ ଘନିଷ୍ଠ ସହଯୋଗୀ ଥିଲା ଏବଂ ଆକ୍ରମଣ ସମୟରେ ତାଙ୍କୁ ଖସିଯିବାର କୌଣସି ସୁଯୋଗ ମିଳିନଥିଲା। ଆଫ୍ରିଦିକୁ ଖାଇବର ପଖତୁନଖ୍ୱା ଅଞ୍ଚଳରେ ଆତଙ୍କବାଦୀ ସଂଗଠନ ଏଲଇଟିର କାର୍ଯ୍ୟକଳାପରେ ଏକ ପ୍ରମୁଖ ଲିଙ୍କ୍ ଭାବରେ ବିବେଚନା କରାଯାଉଥିଲା। ତଦନ୍ତ ଏଜେନ୍ସିଗୁଡ଼ିକ ତାଙ୍କ ମୃତ୍ୟୁକୁ ଏକ ପୂର୍ବ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବର୍ଣ୍ଣନା କରିଛନ୍ତି। ଶେଖ ୟୁସୁଫ ଆଫ୍ରିଦିଙ୍କ ହତ୍ୟା ଗତ ଦୁଇ ବର୍ଷ ମଧ୍ୟରେ ପାକିସ୍ତାନରେ ଅନେକ ଆତଙ୍କବାଦୀଙ୍କ ହତ୍ୟାର ଏକ ଅଂଶ।

ଗତ ମାସରେ, ଜଣେ ଅଜ୍ଞାତ ବନ୍ଧୁକଧାରୀ ପାକିସ୍ତାନର ଲାହୋରରେ ଏକ ଟିଭି ଷ୍ଟେସନ ବାହାରେ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ସଦସ୍ୟ ଏବଂ ଜଣେ ୱାଣ୍ଟେଡ୍ ଆତଙ୍କବାଦୀ ଆମିର ହମଜାକୁ ଟାର୍ଗେଟ କରିଥିଲେ। ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ୬୭ ବର୍ଷୀୟ ହମଜା ଗୁରୁତର ଆହତ ହୋଇଥିଲେ।

ପାକିସ୍ତାନରେ ଜଣଙ୍କ ପରେ ଜଣେ ୱାଣ୍ଟେଡ୍ ଆତଙ୍କବାଦୀଙ୍କୁ ହତ୍ୟା କରାଯାଉଛି । ପୂର୍ବରୁ ଜୈଶ-ଏ-ମହମ୍ମଦ ମୁଖ୍ୟ ମୌଲାନା ମାସୁଦ ଆଝାରର ବଡ଼ ଭାଇ ମହମ୍ମଦ ତାହିର ଅନୱରର ମଧ୍ୟ ପାକିସ୍ତାନରେ ରହସ୍ୟମୟ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା। ଅନୱର ଜୈଶ-ଏ-ମହମ୍ମଦ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା ଏବଂ ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପରେ ସକ୍ରିୟ ଭାବରେ ସାମିଲ ଥିଲା। ଗତ ବର୍ଷ ମାର୍ଚ୍ଚରେ, ପାକିସ୍ତାନର ସିନ୍ଧର ଝେଲମରେ ଅଜ୍ଞାତ ବନ୍ଧୁକଧାରୀମାନଙ୍କ ଦ୍ୱାରା ଲଶ୍ର ଜଣେ ଶୀର୍ଷ ଆତଙ୍କବାଦୀ, ଆବୁ କତାଲ ଓରଫ କତାଲ ସିନ୍ଧୀକୁ ହତ୍ୟା କରାଯାଇଥିଲା। ସେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦର ଜଣେ ଘନିଷ୍ଠ ସହଯୋଗୀ ଥିଲା। ଅଭିଯୋଗ କରାଯାଇଛି ଯେ, କତାଲ ୨୦୨୪ ମସିହାରେ ଜମ୍ମୁ ଏବଂ କାଶ୍ମୀରରେ ହୋଇଥିବା ରିଆସି ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା, ଯେଉଁଥିରେ ନଅ ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ୩୩ ଜଣ ଆହତ ହୋଇଥିଲେ। ୨୦୨୩ ମସିହାରୁ ପାକିସ୍ତାନରେ ଅଜ୍ଞାତ ବନ୍ଧୁକଧାରୀମାନେ ଅନେକ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି। ୨୦୨୩ ମସିହାରେ ସାତ ମାସରେ ସାତ ଜଣ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା। ଏହା ବ୍ୟତୀତ, ୨୦୨୬ ମସିହାର ପ୍ରଥମ ଚାରି ମାସରେ, ଲସ୍କର-ଏ-ତୈବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ସହିତ ଜଡିତ ୩୦ ଜଣ ଆତଙ୍କବାଦୀଙ୍କୁ ଲାହୋର, କରାଚୀ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଅଜ୍ଞାତ ବନ୍ଧୁକଧାରୀମାନେ ଟାର୍ଗେଟ କରିଛନ୍ତି।

## ଦେଶରେ ଜଳବିମାନ ଉଡ଼ାଣ ବାଟ ଖୋଲିଲା

ନୂଆଦିଲ୍ଲୀ: ଦେଶରେ ଜଳବିମାନ ବା ସିପ୍ଲେନ ବିମାନ ଉଡ଼ାଣ ବାଟ ଖୋଲିଛି। ସ୍କାଏହପ୍ ଏଭିଏସନ୍ ନାମକ କମ୍ପାନିକୁ ଏଥିପାଇଁ ବିମାନସେବା ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଅନୁମତି ବା ଏୟାର ଅପରେଟର ସାର୍ଟିଫିକେଟ୍ (ଏଓସି) ମିଳିଛି। ସ୍କାଏହପ୍ ଏଭିଏସନର ସୂଚନା ଅନୁଯାୟୀ, ଚଳିତମାସ ୬ ତାରିଖରେ କମ୍ପାନି ଉତ୍ତରାଖଣ୍ଡର ଗଙ୍ଗା ବ୍ୟାରେଜ୍ ଓ ଟେହରି ହ୍ରଦରେ ଜଳବିମାନର ପରୀକ୍ଷାମୂଳକ ଉଡ଼ାଣ ଓ ଅବତରଣ ସଫଳତାର ସହ ସମ୍ପାଦନ କରିଥିଲା। ଏହାପରେ କମ୍ପାନିକୁ ଡିଜିସିଏ ଏହାର ବାଣିଜ୍ୟିକ ସେବା ପାଇଁ ପ୍ରମାଣପତ୍ର ବା ଅନୁମତି ପ୍ରଦାନ କରିଛି। କମ୍ପାନିର ପ୍ରତିଷ୍ଠାତା ତଥା ସିଇଓ ଅବନୀ ସିଂହ କହିଛନ୍ତି, ଏଓସି ହାସଲ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆମେ ଚଳାଇ ଆସିଥିବା ନିରବଚ୍ଛିନ୍ନ ଉଦ୍ୟମର ଏହା ଫଳ। ଆଗକୁ ବଢ଼ିବାରେ ଏହି ପ୍ରମାଣପତ୍ର ଆମ ପାଇଁ ସହାୟକ ହେବ।

## ଆମର ଗଣିତ ଭିନ୍ନ, ଟ୍ରମ୍ପଙ୍କୁ କଡ଼ା ଜବାବ୍ ଦେଲା ଇରାନ

ତେହେରାନ: ଇରାନର ଉପରାଷ୍ଟ୍ରପତି ଇସମାଇଲ ସାଘାବ ଏସଫାହାନି ଉପସାଗରୀୟ ଦେଶଗୁଡ଼ିକରେ ବିନାଶର ଧମକ ଦେଇଛନ୍ତି। ଏସଫାହାନି କହିଛନ୍ତି, ଇରାନର ଭିତ୍ତିଭୂମିକୁ ଯେକୌଣସି ପ୍ରକାରର କ୍ଷତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିରୋଧରେ ଇରାନ ଚାରି ଗୁଣା ପ୍ରତିଶୋଧ ନେବ। ଏହି ଚେତାବନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଆସିଛି ଯେଉଁଥିରେ ସେ ଇରାନର ତୈଳ କ୍ଷେତ୍ର ଉପରେ ଚାପ ପକାଇବା ବିଷୟରେ କହିଥିଲେ। ଏସଫାହାନି କହିଛନ୍ତି, ଇରାନ ଉପରେ ଯେକୌଣସି ଆକ୍ରମଣର କଡ଼ା ଜବାବ୍ ଦିଆଯିବ। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଯଦି ଇରାନର ଭିତ୍ତିଭୂମିର କୌଣସି ଅଂଶ କ୍ଷତିଗ୍ରସ୍ତ ହୁଏ, ତେବେ ଆକ୍ରମଣକାରୀଙ୍କୁ ସମର୍ଥନ କରୁଥିବା ଦେଶଗୁଡ଼ିକର ସମାନ ପ୍ରକାରର ଭିତ୍ତିଭୂମିରେ ଏକ ବଦଳରେ ଚାର ନୀତି ଅନୁସାରେ ଚାରିଗୁଣା ଅଧିକ କ୍ଷତି କରାଯିବ। ଯଦି ହର୍ମୁଜ୍ ନାକାବନ୍ଦୀ ଯୋଗୁଁ ଆମର ଭିତ୍ତିଭୂମିର କୌଣସି ଅଂଶ, ତୈଳ କୂପ କ୍ଷତିଗ୍ରସ୍ତ ହୁଏ, ତେବେ ଆମେ ଗ୍ୟାରେଣ୍ଟି ଦେଉଛୁ, ଆକ୍ରମଣକାରୀଙ୍କୁ ସମର୍ଥନ କରୁଥିବା ଦେଶଗୁଡ଼ିକରେ ସମାନ ଭିତ୍ତିଭୂମିରେ ଚାରି ଗୁଣା ବିନାଶ ଘଟିବ। ସେ ଆହୁରି କହିଛନ୍ତି,ଆମର ଗଣିତ ଭିନ୍ନ। ଆମର ଗୋଟିଏ ତେଲ କୂପ ଚାରୋଟି ତେଲ କୂପ ସହିତ ସମାନ। ଏସଫାହାନିଙ୍କ ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ, ଚାପ ଜାରି ରହିବା ଦ୍ୱାରା ଇରାନର ଷ୍ଟୋରେଜ୍ ଟ୍ୟାଙ୍କରକୁ ତେଲ ପରିବହନ କରିବାର କ୍ଷମତା ବାଧାପ୍ରାପ୍ତ ହୋଇପାରେ। ଫକ୍ସ ନ୍ୟୁଜ୍ ସହିତ କଥାବାର୍ତ୍ତା କରି ଟ୍ରମ୍ପ୍ କହିଥିଲେ, ଯଦି କେ ?ଣସି ଚୁକ୍ତି ନହେବ ତେବେ ଇରାନର ପାଇପ୍ ଲାଇନ ଗୁଡ଼ିକରେ ତିନି ଦିନ ମଧ୍ୟରେ ବିସ୍ଫୋରଣ ହୋଇପାରେ। ପୂର୍ବରୁ ଟ୍ରମ୍ପ ତାଙ୍କ ଆଲୋଚନାକାରୀଙ୍କୁ ଇସଲାମାବାଦ ଯାତ୍ରା କରିବାକୁ ବାରଣ କରିଥିଲେ। ଏହି ସମୟରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ କଥାବାର୍ତ୍ତା କରିବାକୁ ମସ୍କୋରେ ପହଞ୍ଚିଛନ୍ତି। ପୂର୍ବରୁ ସେ ରବିବାର ଇସଲାମାବାଦରେ ପହଞ୍ଚିଥିଲେ, ଯାହା ତିନି ଦିନ ମଧ୍ୟରେ ତାଙ୍କର ଦ୍ୱିତୀୟ ଗସ୍ତ ଥିଲା। ଆରାଘଚି ଇସଲାମାବାଦରେ ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିରଙ୍କ ସହ ସାକ୍ଷାତ କରିଥିଲେ।

## ୱାସିଂଟନ ପରେ ଟେକ୍ସାସରେ ଗୁଳିକାଣ୍ଡ: ୨୪ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଘଟଣା




ୱାସିଂଟନରେ ଆମେରିକାର ୱାସିଂଟନ୍ ଡି.ସି.ରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ରାତ୍ରୀଭୋଜନ ସମୟରେ ଗୁଳିକାଣ୍ଡ ଘଟିବା ପରେ ଗତ ୨୪ ମଧ୍ୟରେ ଆମେରିକାର ଟେକ୍ସାସର ମିଡଲ୍ୟାଣ୍ଡରେ ଏକ ବାର୍ ନିକଟରେ ଦୁଇଟି ପୃଥକ ଗୁଳିକାଣ୍ଡ ଘଟଣା ଘଟିଛି । ଘଟଣାଗୁଡ଼ିକ ରବିବାର ଭୋର୍ ପ୍ରାୟ ୧:୩୦ ସମୟରେ ଘଟିଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ମିଡଲ୍ୟାଣ୍ଡ୍ ପୁଲିସ ବିଭାଗର କିଛି ଅଫ-ଡ୍ୟୁଟି ଅଧିକାରୀ ଟ୍ରେଡୱିଣ୍ଡସ୍ ଏବଂ ଡେଉଭିଲ୍ ବୁଲେଭାର୍ଡ ନିକଟରେ ଏକ ବାର୍‌ରେ ଡ୍ୟୁଟି କରୁଥିବା ସମୟରେ ସେମାନେ ନିକଟରେ ଗୁଳି ଫୁଟିବାର ଶବ୍ଦ ଶୁଣିଥିଲେ । ପହଞ୍ଚିବା ପରେ, ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କୁ ଅସ୍ତ୍ରଶସ୍ତ୍ର ଧରିଥିବା ଦେଖିଥିଲେ ଏବଂ ସେମାନେ ଏହାର ଜବାବ୍‌ରେ ତାଙ୍କ ଉପରକୁ ପାଲଟା ଗୁଳି ଚଳାଇଥିଲେ । ଏହି ଘଟଣାରେ ଆହତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିକିତ୍ସା ଲାଗି ମିଡଲ୍ୟାଣ୍ଡ୍ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଏହି ସମୟରେ, ପୁଲିସ ରିପୋର୍ଟ କରିଛି ଯେ ସମାନ ଘଟଣାରେ ଗୁଳିଚାଳନା ଯୋଗୁଁ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଘରୋଇ ଗାଡ଼ି ଯୋଗେ ହସ୍ପିଟାଲକୁ ଅଣାଯାଇଥିଲା ଏବଂ ଚିକିତ୍ସା ପରେ ଛାଡି ଦିଆଯାଇଥିଲା । ଘଟଣାର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ବାର୍ ଥିବା ଅଞ୍ଚଳର ରାସ୍ତା ଆରପଟେ କିଛି ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ସମୟରେ ସନ୍ଦିଗ୍ଧ ବ୍ୟକ୍ତି ଅନେକ ରାଉଣ୍ଡ ଗୁଳି ଚଳାଇ ଉଭୟଙ୍କୁ ଆହତ କରିଥିଲେ । ଗୁଳିଚାଳନା ପରେ ପୁଲିସ ତାଙ୍କୁ ଘେରି ଯାଇଥିଲେ। ଯାହା ଫଳରେ ଗୁଳି ବିନିମୟ ହୋଇଥିଲା । ଘଟଣାର ତଦନ୍ତ ଏବେ ଟେକ୍ସାସ ରେଞ୍ଜର୍ସ ଦ୍ୱାରା କରାଯାଉଛି। ପୁଲିସ ଅଧିକାରୀମାନେ କହିଛନ୍ତି, ତଦନ୍ତ ଚାଲିଛି ଏବଂ ଏହା ସମାପ୍ତ ହେବା ପରେ ହିଁ ଅଧିକ ବିବରଣୀ ପ୍ରକାଶ କରାଯିବ ।

## ପାର୍ଟିରେ କନଷ୍ଟେବଲ ଚଳାଇଲେ ଗୁଳି, ଜଣେ ମୃତ

ନୂଆଦିଲ୍ଲୀ : ଦିଲ୍ଲୀର ଦ୍ୱାରକା ସ୍ଥିତ ଜାଫରପୁର କଲନ ଅଞ୍ଚଳରେ ଚାଞ୍ଚଲ୍ୟକର ଘଟଣା । ଦିଲ୍ଲୀ ପୋଲିସର ସ୍ପେଶାଲ ସେଲରେ ଥିବା ହେଡ୍ କନଷ୍ଟେବଲ ନୀରଜ ଗୁଳିମାଡ଼ କରିଛନ୍ତି । ଫଳରେ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଘଟଣା ବିଷୟରେ ସୂଚନା ପାଇ ପୋଲିସ ପହଞ୍ଚି ଯାଞ୍ଚ ଆରମ୍ଭ କରୁଛି । ଗୁଳିମାଡ଼ର କାରଣ ଏଯାଏଁ ଜଣାପଡିନାହିଁ । ଖବର ମୁତାବକ, ଘଟଣା ସମୟରେ ଅଭିଯୁକ୍ତ ଜଣକ ଏକ ପାର୍ଟିରେ ସାମିଲ ଥିଲା, ଆଉ ପାର୍ଟିରେ ହଠାତ୍ ବିବାଦ ହେବାରୁ ନିଜର ପୋଲିସ ବନ୍ଧୁକ ବାହାର କରି ଗୁଳିମାଡ଼ କରିଥିଲା । ଅଭିଯୁକ୍ତ ଜଣକ ୨ଟି ଗୁଳି ଚଳାଇଥିଲା । ଅଭିଯୁକ୍ତ ପୋଲିସକର୍ମୀ ଘଟଣା ଘଟାଇବା ପରେ ଫେରାର ହୋଇଯାଇଥିଲେ । ପୋଲିସ ହତ୍ୟା ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଥିଲା । ଏହାପରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲର ହେଡ୍ କନଷ୍ଟେବଲ ନୀରଜଙ୍କୁ ଗିରଫ କରାଯାଇଛି । ଗୁଳିମାଡ଼ ଯୋଗୁଁ ପାଣ୍ଡବ ନାମକ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିଲା ଏବଂ ଘଟଣା ଆଉ ଜଣେ ବ୍ୟକ୍ତି ଗୁରରୁତର ଆହତ ରହିଛନ୍ତି ବୋଲି ଜଣାପଡିଛି । ଆହତଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଆଖପାଖ ଲୋକଙ୍କୁ ପଚରାଉଚରା କରୁଛି । ଘଟଣା ସମୟରେ ଉପସ୍ଥିତ ଥିବା ଲୋକଙ୍କ ବୟାନ ନିଆଯାଉଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ତେବେ ପ୍ରାଥମିକ ତଦନ୍ତରୁ ଜଣାପଡିଛି କି, ଘଟଣା ସମୟରେ ଅଭିଯୁକ୍ତ ହେଡ୍ କନଷ୍ଟେବଲ ନିଶାରେ ଥିଲେ ଏବଂ କୌଣସି କଥାକୁ ନେଇ ଗୁଳି ଚଳାଇ ଫେରାର ହୋଇଯାଇଥିଲେ ।

## ଇସ୍ରାଏଲୀ ଧମକ ଆଗରେ ମୁଣ୍ଡ ନୁଆଁଇବାକୁ ମନା କଲା ହେଜବୁଲ୍ଲା

ହେଜବୁଲ୍ଲା : ହେଜବୁଲ୍ଲା ଇସ୍ରାଏଲୀ ଧମକ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରିଦେଇଛି ଏବଂ ଇସ୍ରାଏଲ ସହିତ ସିଧାସଳଖ ଆଲୋଚନା କରିବାକୁ ଲେବାନନ ସରକାରଙ୍କ ପ୍ରୟାସକୁ ବଡ଼ ପାପ ବୋଲି କହିଛି। ହେଜବୁଲ୍ଲା ନେତା ନଇମ କାସେମ ଇସ୍ରାଏଲ ସହିତ ପ୍ରସ୍ତାବିତ ସିଧାସଳଖ ଆଲୋଚନାକୁ ବେକାର ଏବଂ ଲେବାନନ ପାଇଁ କ୍ଷତିକାରକ ବୋଲି କହି ଲେବାନନ ସରକାରଙ୍କୁ ଏହା ବାତିଲ କରିବାକୁ ଦାବି କରିଛନ୍ତି। ହେଜବୁଲ୍ଲା ୱାସିଂଟନରେ ଲେବାନନ ଏବଂ ଇସ୍ରାଏଲୀ ରାଷ୍ଟ୍ରଦୂତଙ୍କ ମଧ୍ୟରେ ଆଲୋଚନାକୁ ହେଜବୁଲ୍ଲାକୁ ନିରସ୍ତ୍ର କରିବା ପାଇଁ କରାଯାଉଛି ବୋଲି କହି ଏହା ଏକ ବଡ଼ ପାପ ବୋଲି କହିଛି। ହେଜବୁଲ୍ଲା ସ୍ପଷ୍ଟ କରିଛି ଯେ, ଇସ୍ରାଏଲୀ ଧମକ କିମ୍ବା ଆକ୍ରମଣ ନିକଟରେ ଆତ୍ମସମର୍ପଣ କରିବ ନାହିଁ କି ହାର୍ ମାନିବ ନାହିଁ। ନିଜର ପ୍ରତିରକ୍ଷା ପ୍ରତିରୋଧ ଜାରି ରଖିବ। ଇସ୍ରାଏଲ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ହେଜବୁଲ୍ଲା ଅଭିଯୋଗ କରିଛି ଏବଂ କହିଛି, ଇସ୍ରାଏଲୀ ଆକ୍ରମଣର କଡ଼ା ଜବାବ୍ ଦିଆଯିବ। ଏହି ବିବୃତି ଦକ୍ଷିଣ ଲେବାନନରେ ଉତ୍ତେଜନା ବୃଦ୍ଧି ସମୟରେ ଆସିଛି, ଯେଉଁଠାରେ ଇସ୍ରାଏଲୀ ସେନା ଆଇଡିଏଫ୍ ହେଜବୁଲ୍ଲା ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣକୁ ଜୋରଦାର୍ କରିଛି। ହେଜବୁଲ୍ଲା ସ୍ପଷ୍ଟ କରିଛି ଯେ, ଇସ୍ରାଏଲ ସହିତ ଯେକୌଣସି ସିଧାସଳଖ କୂଟନୈତିକ ସମ୍ପର୍କକୁ ଆମେ ଦୃଢ଼ ବିରୋଧ କରୁଛି। ଆମେ ସାମରିକ ସଂଘର୍ଷ ପାଇଁ ପ୍ରସ୍ତୁତ ଅଛୁ।

## ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ: କିୱି-ମଦ ଶସ୍ତା, କୃଷକଙ୍କ ସୁରକ୍ଷା ପାଇଁ ବଡ଼ ନିଷ୍ପତ୍ତି ନେଲେ ମୋଦୀ



ନୂଆଦିଲ୍ଲୀ: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଏକ ନୂତନ ଦିଗଦର୍ଶନ ଦେଇଛି। ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବାର ଏକ ମାଧ୍ୟମ ସହିତ ବୃତ୍ତିଗତ, ଛାତ୍ରଛାତ୍ରୀ ଏବଂ ଶିକ୍ଷ ପାଇଁ ସୁଯୋଗର ନୂତନ ଦ୍ୱାର ମଧ୍ୟ ଖୋଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ବାଣିଜ୍ୟ ପ୍ରାୟ ୧.୩ ବିଲିୟନ ଡଲାର ଥିଲା, ଯାହାକୁ ବର୍ତ୍ତମାନ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୫ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି।

ଏହି ଚୁକ୍ତିନାମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତୀୟ ବୃତ୍ତିଗତଙ୍କ ପାଇଁ ଅସ୍ଥାୟୀ ଭିସା ପ୍ରଦାନ। ଏବେ, ପ୍ରତିବର୍ଷ ୫,୦୦୦ ଭାରତୀୟ ବୃତ୍ତିଗତ ନ୍ୟୁଜିଲାଣ୍ଡ ଯାତ୍ରା କରି କାମ କରିପାରିବେ। ଏହା ଏକ ସୁବର୍ଣ୍ଣ ସୁଯୋଗ। ବିଶେଷକରି ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ନିର୍ମାଣ, ଯୋଗ ଏବଂ ସେଫ୍ ଭଳି କ୍ଷେତ୍ରର ଯୁବପିଢ଼ି ଏହା ଦ୍ୱାରା ଉପକୃତ ହେବେ। ଏହି ପଦକ୍ଷେପ କେବଳ ଭାରତର ଦକ୍ଷତା ଶକ୍ତିକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରିବ ନାହିଁ ବରଂ ନ୍ୟୁଜିଲାଣ୍ଡର ଶ୍ରମଶକ୍ତି ଆବଶ୍ୟକତା ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିବ। ଏହି ଚୁକ୍ତିନାମା ଅନୁଯାୟୀ, ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନିୟମଗୁଡ଼ିକୁ ଯଥେଷ୍ଟ ସରଳ କରାଯାଇଛି। ଛାତ୍ର ଭିସା କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି, ଯାହାର ଅର୍ଥ ହେଉଛି ଅଧିକ ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ନ୍ୟୁଜିଲାଣ୍ଡ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ। ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମୟରେ ସପ୍ତାହକୁ ଅତି କମରେ ୨୦ ଘଣ୍ଟା କାମ କରିବାକୁ ଅନୁମତି ଦିଆଯାଇଛି। ଏହି ବ୍ୟବସ୍ଥା ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମୟରେ ଆର୍ଥିକ ଭାବରେ ସଶକ୍ତ କରି ବିଦେଶରେ ସେମାନଙ୍କର ଜୀବନଯାପନ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପ୍ରାୟତଃ ବଜାର ଖୋଲିବାର ଅର୍ଥ ରଖେ, କିନ୍ତୁ ଭାରତ ଏହାର ଘରୋଇ ସ୍ୱାର୍ଥକୁ ସୁରକ୍ଷା ଦେଇ ସତର୍କତାର ସହିତ ସେଗୁଡ଼ିକୁ କାର୍ଯ୍ୟକାରୀ କରିଛି। ଭାରତ ନ୍ୟୁଜିଲ୍ୟାଣ୍ଡର ୯୫ ପ୍ରତିଶତ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ ହ୍ରାସ କରିଛି କିମ୍ବା ସମାପ୍ତ କରିଛି, ଯାହା ଫଳରେ ପଶମ, କାଠ, ମଦ, କିୱି, ସେଓ, ଚେରି, ଆଭୋକାଡୋ ଏବଂ ମଣୁକା ମହୁ ଭଳି ଉତ୍ପାଦ ଭାରତୀୟ ବଜାରରେ ଶସ୍ତା ହୋଇଛି।

କୃଷକମାନଙ୍କ ଜୀବିକା ସୁରକ୍ଷା ପାଇଁ, ଭାରତ ଦୁଗ୍ଧ, ଚିନି, ପିଆଜ, ଡାଲି, ମସଲା, ଖାଦ୍ୟ ତେଲ ଏବଂ ରବର ଭଳି ସମ୍ବେଦନଶୀଳ କୃଷି କ୍ଷେତ୍ରଗୁଡ଼ିକୁ ଚୁକ୍ତିର ପରିସରରୁ ବାଦ୍ ଦେଇଛି କିମ୍ବା ସେମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ରିହାତି ପ୍ରଦାନ କରିନାହିଁ। ସ୍ଥାନୀୟ ଉତ୍ପାଦକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ କ୍ଷତି ଏଡାଇବା ପାଇଁ ସୀମିତ କୋଟା ମଧ୍ୟରେ କିୱି ଏବଂ ସେଓ ଭଳି କିଛି ଫଳ ଉପରେ ଶୁଳ୍କ ରିହାତି ମଧ୍ୟ ପ୍ରଦାନ କରାଯାଇଛି।

ଏହି ଚୁକ୍ତିନାମାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର ପାରମ୍ପରିକ ଚିକିତ୍ସା ପ୍ରଣାଳୀ, ଆୟୁଷ ଏବଂ ଯୋଗକୁ ସ୍ୱୀକୃତି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତୀୟ ପାରମ୍ପରିକ ଔଷଧ ଏବଂ ସମ୍ପର୍କିତ ଔଷଧଗୁଡ଼ିକ ନ୍ୟୁଜିଲାଣ୍ଡ ବଜାରରେ ସରକାରୀ ସ୍ୱୀକୃତି ଏବଂ ପ୍ରବେଶ ପାଇବ। ଏହା ଭାରତୀୟ ଔଷଧ ଏବଂ ୱେଲନେସ୍ କମ୍ପାନିଗୁଡ଼ିକ ପାଇଁ ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରିବା ସହ ଭାରତୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବ।

ଆକଳନ କରାଯାଉଛି ଯେ, ଏହି ଚୁକ୍ତିନାମା ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨୦ ବିଲିୟନ ଡଲାରର ବିଦେଶୀ ନିବେଶକୁ ଆକର୍ଷିତ କରିବ। ଏହି ନିବେଶ ଭିତ୍ତିଭୂମିକୁ ଉନ୍ନତ କରିବା ସହ ପ୍ରଯୁକ୍ତିବିଦ୍ୟା ଏବଂ ଗୁଣବତ୍ତା ମାନଦଣ୍ଡକୁ ବିଶ୍ୱ ସ୍ତରୀୟ କରିବାରେ ମଧ୍ୟ ସାହାଯ୍ୟ କରିବ। ସରକାରଙ୍କ ଅନୁସାରେ ଏହି ଚୁକ୍ତିନାମା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ବଜାର ପ୍ରଦାନ କରିବ।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତିନାମା ଉଭୟ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହାର କୃଷି ଏବଂ ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା ସୁନିଶ୍ଚିତ କରିଥିବା ବେଳେ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଏବଂ ଶିକ୍ଷାଗତ ସୁଯୋଗକୁ ବିସ୍ତାର କରି ଭବିଷ୍ୟତ ପାଇଁ ଏକ ଦୃଢ଼ ମୂଳଦୁଆ ମଧ୍ୟ ସ୍ଥାପନ କରିଛି। ଏହି ଚୁକ୍ତିନାମା କେବଳ ଡଲାର ବାଣିଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ଦୁଇ ଦେଶ ମଧ୍ୟରେ ବିଶ୍ୱାସ, ସହଯୋଗ ଏବଂ ସହଭାଗୀ ବିକାଶ ପାଇଁ ଏକ ରୋଡମ୍ୟାପ୍। ସୂଚନାଯୋଗ୍ୟ,ଗତ କିଛି ବର୍ଷ ମଧ୍ୟରେ, ଭାରତ ଏହାର ବଜାର ବିବିଧତା ନୀତିର ଅଂଶ ସ୍ୱରୂପ ଅଷ୍ଟ୍ରେଲିଆ, ୟୁଏଇ, ୟୁକେ ଏବଂ ୟୁରୋପୀୟ ସଂଘ ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଛି। ନ୍ୟୁଜିଲାଣ୍ଡ ସହିତ ଏହି ଚୁକ୍ତି ସେହି ରଣନୀତିର ଏକ ବିସ୍ତାର। ଏହା କେବଳ ଦ୍ୱିପାକ୍ଷିକ ବାଣିଜ୍ୟକୁ ତ୍ୱରାନ୍ୱିତ କରିବ ନାହିଁ ବରଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ଅଧିକ ଦୃଢ଼ ଭାବରେ ସ୍ଥାନିତ କରିବାକୁ ସକ୍ଷମ ହେବ ବୋଲି କୁହାଯାଉଛି।

### କର୍ପୋରେଟ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ଅଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ




ଭୁବନେଶ୍ୱର: ଓଡ଼ିଶାର କର୍ପୋରେଟ୍ ଜଗତର କର୍ମଜୀବୀମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, କ୍ରୀଡା ମନୋଭାବ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ଦୁଇ ଦିନିଆ ପ୍ରମୁଖ ଇଭେଣ୍ଟ 'ଉଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ' ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସିଡ୍ରିମ୍ଜ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନ୍ସିପ୍ ରାଜ୍ୟର ଅନ୍ୟତମ ବୃହତ୍ କର୍ପୋରେଟ୍ କ୍ରୀଡା ମହୋତ୍ସବ ଭାବେ ପରିଚିତ ହୋଇଛି। ଏଥିରେ ପୁରୁଷ ଡବଲ୍ସରେ ଦେବେଶ ଓ ପ୍ରତାପ ବିଜେତା, ପୁରୁଷ ଡବଲ୍ସ ରନର୍ସ-ଅପ୍ ହୋଇଛନ୍ତି ପ୍ରଦ୍ୟୁମ୍ନ ଓ ସ୍ମୃତି। ସେହିପରି ମିକ୍ସଡ୍ ଡବଲ୍ସରେ ଜନ୍ମେଜୟ ଓ ଶାଳିନୀ ବିଜେତା ହୋଇଥିବାବେଳେ ରନର୍ସ ଅପ୍ ହୋଇଛନ୍ତି ଆଶାକିରଣ ଓ ବାଲା।୧

ଏହି ପ୍ରତିଯୋଗିତାରେ ୧୨୮ଟି ପୁରୁଷ ଡବଲ୍ସ ଏବଂ ୩୨ଟି ମିକ୍ସଡ୍ ଡବଲ୍ସ ଟିମ୍ ଅଂଶଗ୍ରହଣ କରିଥିଲେ। ଖେଳ ଗୁଡ଼ିକ 'ବେଷ୍ଟ-ଅଫ୍-୩ ସେଟ୍' ଫର୍ମାଟ୍ ରେ ଅତ୍ୟନ୍ତ ରୋମାଞ୍ଚକର ଭାବେ ଖେଳାଯାଇଥିଲା। ଏଥିରେ ଓଡିଶାର ପ୍ରମୁଖ ଆଇଟି ଏବଂ କର୍ପୋରେଟ୍ ସଂସ୍ଥା ଯଥା— ୱିପ୍ରୋ, ଟିସିଏସ୍, ଇନଫୋସିସ୍, ଆକ୍ସେଞ୍ଚର, ଆଇବିଏମ୍, କଗ୍ନିଜାଣ୍ଟ, ଇଏସଏସଏଲ୍ ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ବେ ସରକାରି ବ୍ୟାଙ୍କ, ରେଳବାଇ ଓ ନାଲକୋ ଭଳି ପିଏସୟୁ ର ବରିଷ୍ଠ ଅଧିକାରୀମାନେ ମଧ୍ୟ ନିଜର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ।କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସିଡ୍ରିମ୍ଜ ର ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ସ୍ମୃତି ଦେବତା କହିଛନ୍ତି,'ଆମେ ବୋର୍ଡରୁ ବାହାରେ ଏକ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବାକୁ ଚାହୁଁଥିଲୁ। ଏହି ଟୁର୍ଣ୍ଣାମେଣ୍ଟ କେବଳ ଟ୍ରଫି ଜିତିବା ପାଇଁ ନୁହେଁ, ବରଂ ଏକ ସୁସ୍ଥ କର୍ପୋରେଟ୍ ପରିବେଶ ସୃଷ୍ଟି କରିବା ଏବଂ ବିଭିନ୍ନ ଶିଳ୍ପ ନେତାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ମାଧ୍ୟମ।' ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ନାଲକୋରୁ ଆଶୁତୋଷ ରଥ, ଇନଫୋସିସରୁ ସତ୍ୟଜିତ ମହାନ୍ତି, ସନ୍‌ଶାଇନ୍ ହସ୍ପିଟାଲ୍ସରୁ ଆୟସକାନ୍ତ ମହାନ୍ତି, ୱିପ୍ରୋରୁ ମନୀଷ ୱାଘେଲା, ଦୁରାଦୃଷ୍ଟି ମ୍ୟାଗାଜିନରୁ ଦୁର୍ଗା ପ୍ରସାଦ ସାମନ୍ତରାୟ, ଜୟ ଓଡିଶାରୁ ଶ୍ରୀ ରୁଦ୍ରସାମନ୍ତରାୟ,ଡିବିନେକ୍ସଟରୁ ସିଇଓ ସଂଗ୍ରାମ ରାଉତରାୟ,କୋଟକରୁ ଅନୁପମ ପଟ୍ଟନାୟକ ଏବଂ କଳ୍ପତରୁ ଫାଉଣ୍ଡେସନରୁ ଶୁଭେନ୍ଦୁ ପଣ୍ଡା, ଅଭିନେତା ପାର୍ଥସାରଥୀ ରାୟ ପ୍ରମୁଖସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷ ରେ ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ଦେବତା ଖେଳାଳି ଓ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁପର ଓଭରରେ ଲକ୍ଷ୍ନୌକୁ ପରାସ୍ତ କଲା କୋଲକାତା

ଲକ୍ଷ୍ନୌ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉନ୍ନବିଂଶ ସଂସ୍କରଣର ୩୮ତମ ମୁକାବିଲା ରୋମାଞ୍ଚକର ହୋଇଛି। ଲକ୍ଷ୍ନେ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍ ଟାଇ ହେଲା ପରେ ସୁପର ଓଭର ଖେଳାଯାଇଛି। ସୁପର ଓଭରରେ ଫଳାଫଳ ବାହାରିଛି। ସୁପର ଓଭରରେ ଲକ୍ଷ୍ନେ ବ୍ୟାଟିଂ କରିଥିଲା। ଦଳ ମାତ୍ର ୧ ରନ୍ ସଂଗ୍ରହ କରିଥିଲା। କୋଲକାତାର ସୁନୀଲ ନାରାୟଣଙ୍କୁ ଲକ୍ଷ୍ନେର ବୋଲରମାନେ ସାମ୍ନା କରିପାରି ନଥିଲେ। କୋଲକାତା ୨ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିଥିଲା। ସୂଚନାଯୋଗ୍ୟ ଚଳିତ ଆଇପିଏଲ୍‌ରେ ଏହା ଥିଲା ପ୍ରଥମ ସୁପର ଓଭର ମ୍ୟାଚ୍।




କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ମିଳିଥିବା ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଲକ୍ଷ୍ନେ ସୁପର ଜାଏଣ୍ଟସ୍ ବ୍ୟାଟିଂ କରିଥିଲା। ହାତରେ ଭରପୁର ୱିକେଟ୍ ଥିବା ସତ୍ତ୍ୱେ ଲକ୍ଷ୍ନେ ୧୦ ଓଭର ଶେଷ ବେଳକୁ ୬୩ ରନ୍ ସଂଗ୍ରହ କରିଥିଲା। ଋଷଭ ପନ୍ତଙ୍କ ଦଳ ୮ ରନ୍‌ରେ ପ୍ରଥମ ୱିକେଟ ଭାବେ ମଟେଲ ମାର୍ସଙ୍କୁ ହରାଇଥିଲା ବେଳେ କୋଲକାତାର ୨ୟ ଶିକାର ହୋଇଥିଲେ ଏଡେନ ମାର୍କରାମ। ମାର୍ସ ମାତ୍ର ୨ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ମାର୍କରାମଙ୍କ ବ୍ୟାଟରୁ ୩୧ ରନ୍ ଅମଳ ହୋଇଥିଲା। ଋଷଭ ପନ୍ତ ୩୮ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୨ ରନ୍ ସଂଗ୍ରହ କରିଥିଲେ। ଶେଷ ଓଭରରେ ଲକ୍ଷ୍ନେକୁ ବିଜୟ ପାଇଁ ୧୭ ରନ୍ ଦରକାର ଥିଲା ବେଳେ ୧୬ ରନ୍ କରିପାରିଥିଲା। ଲକ୍ଷ୍ନେକୁ ଶେଷ ବଲରେ ୭ ରନ୍ ଦରକାର ଥିଲା। ମହମ୍ମଦ ସାମି ଏହାକୁ ଛକ ମାରିଥିଲେ। ଲକ୍ଷ୍ନେ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା।

ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଲକ୍ଷ୍ନେ ଟସ୍ ଜିଣି ବୋଲି ନିଷ୍ପତ୍ତି ନେଇଥିଲା। ଫଳରେ ଅଜିଙ୍କ୍ୟ ରହାଣେଙ୍କ ନେତୃତ୍ୱରେ କୋଲକାତା ବ୍ୟାଟିଂ କରିଥିଲା। କୋଲକାତା ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। କୋଲକାତା ପକ୍ଷରୁ ରିଙ୍କୁ ସିଂହ ଅର୍ଦ୍ଧଶତକ ହାସଲ କରିଥିଲେ।

ନିଜ ଦଳର ବ୍ୟାଟରମାନେ ବିପର୍ଯ୍ୟୟର ସାମ୍ନା କରୁଥିଲା ବେଳେ ରିଙ୍କୁ ସିଂହ ପ୍ରଥମେ ଧୈର୍ଯ୍ୟର ସହିତ ଖେଳିଥିଲେ। ଶେଷ ସମୟରେ ସେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଅପରାଜିତ ରହି ୮୩ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୫୧ଟି ବଲ୍ ଖେଳିଥିଲେ, ଯେଉଁଥିରୁ ୭ଟି ଚୌକା ଏବଂ ୫ଟି ଛକା ମାରିଥିଲେ।

ଲକ୍ଷ୍ନେରେ କୋଲକାତାର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଦଳୀୟ ସ୍କୋର ୩ ରନ୍‌ରେ କୋଲକାତା ପ୍ରାରମ୍ଭିକ ବ୍ୟାଟର ଟିମ୍ ସେଫର୍ଟ, ୧୬ ରନ୍‌ରେ ଅଧିନାୟକ ଅଜିଙ୍କ୍ୟ ରହାଣେ, ୨୭ ରନ୍‌ରେ ଅଙ୍ଗକ୍ରିଶ ରଘୁବଂଶୀ ଏବଂ ୩୧ ରନ୍‌ରେ ରୋଭମାନ ପାୱେଲଙ୍କୁ ହରାଇଥିଲା।

ପଞ୍ଚମ ୱିକେଟ ପାଇଁ କୋଲକାତା ୪୨ ରନ୍‌ର ଭାଗିଦାରୀ କରିଥିଲା। କେମରନ ଗ୍ରିନ ଏବଂ ରିଙ୍କୁ ସିଂହ ଏହି କାମ କରିଥିଲେ। କେମରନ ଗ୍ରିନ ବ୍ୟକ୍ତିଗତ ଭାବେ ୩୪ ରନ୍ ସଂଗ୍ରହ କରିଥିଲେ। ସେ ୨୧ଟି ବଲ୍ ଖେଳି ୩ଟି ଛକା ମାରିଥିଲେ। ସ୍କୋର ୭୩ ରନ୍‌ରେ କୋଲକାତା କେମରନ ଗ୍ରିନଙ୍କ ସମେତ ଅନୁକୂଳ ରୟଙ୍କୁ ମଧ୍ୟ ହରାଇଥିଲା। ଲକ୍ଷ୍ନେର ସପ୍ତମ ଶିକାର ହୋଇଥିଲେ ରମଣଦୀପ ସିଂହ। ସେ ୧୧ଟି ବଲ୍ ଖେଳି ମାତ୍ର ୬ ରନ୍ ସଂଗ୍ରହ କରିଥିଲେ।

## ଚିନ୍ନାସ୍ୱାମୀର ୨୪୦ ସିସିକ୍ୟାମେରାକୁ ଅଚଳ କଲେ ୨ ଯୁବକ

ବେଙ୍ଗାଲୁରୁ: ଆଇପିଏଲ୍ ସୁରକ୍ଷାରେ ଏକ ବଡ଼ ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ମ୍ୟାଚ୍ ଚାଲିଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ବେଙ୍ଗାଲୁରୁର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ର ସୁରକ୍ଷା ନିୟନ୍ତ୍ରଣ କକ୍ଷରେ ପ୍ରବେଶ କରି ପ୍ରାୟ ୨୪୦ରୁ ଅଧିକ ସିସିକ୍ୟାମେରାକୁ ଅକାମୀ କରିଥିବା ଅଭିଯୋଗ ହୋଇଛି। ଏହା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁସାରେ ଗତ ୨୪ ଏପ୍ରିଲ୍‌ରେ ଅନୁଷ୍ଠିତ ଆର୍‌ସିବି ଓ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌ର ପ୍ରାୟ ୨୪୦ଟି ସିସି କ୍ୟାମେରା ଅଚଳ ଥିବା ଜଣାପଡ଼ିଥିଲା। ଏହା ପରେ ଷ୍ଟାଡିୟମ୍‌ର ବିଭିନ୍ନ ଅଞ୍ଚଳ ଉପରେ ନିଜର ରଖିବା କିଛି ସମୟ ପାଇଁ ସମ୍ଭବ ହୋଇନଥିଲା। ଏନେଇ ବେଙ୍ଗାଲୁରୁ ପୁଲିସ୍ ମଂଜୁନାଥ ଓ ଅବ୍ଦୁଲ କାଲାମ୍ ନାମକ ଦୁଇ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିଛି।

ସେମାନେ ବିନା ଅନୁମତିରେ ନିୟନ୍ତ୍ରଣ କକ୍ଷରେ ପ୍ରବେଶ କରି ନେଟ୍‌ୱର୍କ ଭିଡିଓ ରେକର୍ଡର ଓ ଫାଇବର ଅପଟିକ୍ ଲିଙ୍କକୁ କ୍ଷତିଗ୍ରସ୍ତ କରିଥିଲେ। ଏହା ପରେ ଷ୍ଟାଡିୟମସାରା ସିସି କ୍ୟାମେରାଗୁଡ଼ିକ ବନ୍ଦ ହୋଇଯାଇଥିଲା। ମଂଜୁନାଥ କର୍ଣ୍ଣାଟକର ବାସିନ୍ଦା ହୋଇଥିବାବେଳେ କାଲାମ ଉତ୍ତରପ୍ରଦେଶର ବାସିନ୍ଦା। ଉଭୟ ଷ୍ଟାଡିୟମର ସୁରକ୍ଷା ନିରୀକ୍ଷଣ ଦାୟିତ୍ୱରେ ଥିବା ଗୁରୁଗ୍ରାମ୍‌ର ଷ୍ଟାକ୍ ଟେକନଲୋଜୀ ନାମକ କମ୍ପାନି ପାଇଁ କାମ କରୁଥିଲେ। କିନ୍ତୁ କମ୍ପାନି ଉପରେ ପ୍ରାୟ ୧୦ ଲକ୍ଷ ଟଙ୍କାର ବକେୟା ଥିବାରୁ ଉଭୟ ଏପରି କରିଥିବା ସ୍ୱୀକାର କରିଛନ୍ତି।

# 'ଆପ୍' କରିବ ଖେଳାଳି ପଞ୍ଜୀକରଣ ଓ ପରିଚାଳନା: ୭.୫ ଲକ୍ଷ ପିଲାଙ୍କୁ ସୁଟିଂ ସହ ଯୋଡିବା ଲକ୍ଷ୍ୟ

ନୂଆଦିଲ୍ଲୀ: ଭାରତକୁ ୨୦୩୦ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୧୦ କ୍ରୀଡାମହାଶକ୍ତି ଭାବେ ସ୍ଥାପିତ କରିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ କେନ୍ଦ୍ର କ୍ରୀଡାମନ୍ତ୍ରାଳୟ ଧାର୍ଯ୍ୟ କରିଛନ୍ତି। ଏଭଳି ଏକ ପ୍ରତିଶ୍ରୁତିଭରା ଲକ୍ଷ୍ୟକୁ ପୂରଣ କରିବା ପାଇଁ ସରକାରଙ୍କୁ ସହାୟତାର ହାତ ବାଢାଇବାକୁ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଦେଶର ସୁଟରମାନଙ୍କୁ ଆହ୍ୱାନ କରିଛନ୍ତି। ସୋମବାର ଭାରତୀୟ ରାଇଫଲ୍ ସଂଘ (ଏନ୍‌ଆର୍‌ଏଆଇ)ର ୭୫ତମ ସ୍ଥାପନା ଦିବସ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ୨୦୨୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡାର ସଫଳ ଆୟୋଜନ ସହ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାର ଲକ୍ଷ୍ୟ ପୂରଣ ଦିଗରେ ଦ୍ରୁତ ଅଗ୍ରଗତି କରୁଛି ବୋଲି ମତ ପ୍ରକାଶ କରିଛନ୍ତି ସେ।




ଏହି ଦିବସକୁ ଅଧିକ ସ୍ମରଣୀୟ କରିବାକୁ ଯାଇ ଏନ୍‌ଆର୍‌ଏଆଇ ମଧ୍ୟ ଆଧୁନିକ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ୭.୫ ଲକ୍ଷ ଯୁବକ ଯୁବତୀଙ୍କ ପାଖରେ ସୁଟିଂକୁ ପହଞ୍ଚାଇବାକୁ ଯୋଜନା କରିଛି। ଏଥିଲାଗି ସଂଘ ଏକ ଆଥ୍ଲେଟ୍ ଆପ୍ ଉନ୍ମୋଚନ କରିଛି। ଏହି ଆପ୍ ମାଧ୍ୟମରେ ଖେଳାଳିମାନେ ନାମ ପଞ୍ଜୀକରଣ କରିପାରିବେ। ପ୍ରତିଭା ଚିହ୍ନଟ କରିବା ସହ ସୁଟିଂର କ୍ରୀଡା ମଣ୍ଡଳକୁ ଆହୁରି ସୁଦୃ କରିବା ଏବଂ ଖେଳାଳିଙ୍କ ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରିବା ଏହି 'ଆପ୍' ଆରମ୍ଭ କରାଯିବାର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ମାଣ୍ଡବୀୟ କହିଛନ୍ତି।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଆର୍‌ଏଆଇ ସଂପାଦକ ପବନ କୁମାର ସିଂହ ଏବଂ ଅଲିମ୍ପିକ୍ସ ପଦକ ବିଜୟିନୀ ମନୁ ଭାକର ମଧ୍ୟ ଉପସ୍ଥିତ ରହିବା ସହ ଭାରତରେ ସୁଟିଂର ସଫଳତା ଲାଗି ଏନ୍‌ଆର୍‌ଏଆଇ ଗତ ୭୫ବର୍ଷ ହେବ ପ୍ରମୁଖ ଭୂମିକା ତୁଲାଇ ଆସୁଛି ବୋଲି ମତବ୍ୟକ୍ତ କରିଥିଲେ।

### ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ

# କିଟ୍ ଏକାଦଶ ମହିଳା ଦଳ ବିଜୟୀ

ଖୋର୍ଦ୍ଧା, ୨୭।୪: ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଆଜିର ମ୍ୟାଚ୍ ରେ କିଟ୍ ଏକାଦଶ, ଭୁବନେଶ୍ୱର ମହିଳା ଦଳ କୋରାପୁଟ ଜିଲ୍ଲା ମହିଳା ଦଳ କୁ ୩୮ ରନରେ ପରାସ୍ତ କରି ବିଜୟୀ ହୋଇଛି।



କିଟ୍ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୪ ୱିକେଟ୍ ହରାଇ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ରାଣୀ ଟୁଡୁ ୫୮ ରନ୍ ଓ ବର୍ଷାରାଣୀ ସିଂ ୨୭ ରନ୍ କରିଥିଲେ।

ପତ୍ୟୁତରରେ କୋରାପୁଟ ଦଳ ୨୦ ଓଭର ରେ ୬ ଟି ୱିକେଟ୍ ହରାଇ ମାତ୍ର ୯୩ ରନ୍ କରି ୩୮ ରନ୍ ରେ ପରାସ୍ତ ହୋଇଥିଲେ। କୋରାପୁଟ୍ ଦଳ ପକ୍ଷରୁ ସୁଧୃତି ରାଉତ ୨୪ ରନ୍ ଓ ଭାବନା ବର୍ମା ୨୦ ରନ୍ କରିଥିଲେ। କିଟ୍ ଦଳ ପକ୍ଷରୁ ବର୍ଷାରାଣୀ ସିଂ ଓ କୁନି ବଦରା ପ୍ରତ୍ୟକ ୨ ଟି ଲେଖାଏଁ ୱିକେଟ ନେଇଥିଲେ।

କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓ ସି ଏ ର କୋଷାଧକ୍ଷ ବିକାଶ ପ୍ରଧାନ,ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ,ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ଆନନ୍ଦ ସାହୁ, ଅଭିନାଶ ନାୟକ ଓ ସ୍କରର ଭାବେ ସତ୍ୟନାରାୟଣ ପରିଡ଼ା କାର୍ଯ୍ୟ କରିଥିଲେ।

### ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବୋଲିଂ

# ଓଡିଶାକୁ ୩ ସ୍ୱର୍ଣ୍ଣ, ୧ କାଂସ୍ୟ




ଭୁବନେଶ୍ୱର: ନୂଆଦିଲ୍ଲୀର ଜୋରେକୋ ଆର୍ କ୍ୟୁବ ମଲ୍‌ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତର ଜାତୀୟ ବୋଲିଂ ପ୍ରତିଯୋଗିତାରେ ଓଡିଶା ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ୩ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକ ଜିତି ଅପୂର୍ବ ସଫଳତା ପାଇଛନ୍ତି। ଓଡିଶାର ଅଂଶଗ୍ରହଣ କରିଥିବା ସମସ୍ତ ୪ ଜଣ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଛନ୍ତି। ସତ୍ୟବ୍ରତ ଦାଶ ଓ ସୁଶ୍ରୀ ସଂଗୀତା ନାୟକ ଯଥାକ୍ରମେ ପୁରୁଷ ଓ ମହିଳା ଏକକରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦେବାଶିଷ ଓ ସତ୍ୟବ୍ରତ ଦାଶ ପୁରୁଷ ଯୁଗଳରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସାଗରିକା ଓ ସୁଶ୍ରୀ ସଂଗୀତା ମହିଳା ଯୁଗଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୀତା ପଣ୍ଡା ମୁଖ୍ୟ ପ୍ରଶିକ୍ଷକ ଓ ଲକ୍ଷ୍ମଣ ଗୌଡ଼ ସହ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶାରେ ଏହି କ୍ରୀଡ଼ାର ଭିତ୍ତିଭୂମି ଅଭାବ ଥିବା ସତ୍ତ୍ୱେ ଏହି ସଫଳତା ଖେଳାଳି ଓ ପ୍ରଶିକ୍ଷକଙ୍କ ସଙ୍କଳ୍ପବଦ୍ଧ ମାନସିକତାକୁ ପ୍ରତିଫଳିତ କରିଛି।

ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଅଲିମ୍ପିକ୍ ଓଡ଼ିଶାର ଅଧ୍ୟକ୍ଷା ସୁନୀତି ମୁଣ୍ଡ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ମନସ୍ତତ୍ତ୍ୱବିତ୍ ମନତୋଷ ବେହେରା, କ୍ରୀଡ଼ାବିତ୍ ସରିତା ରାଉତରାୟ, ଅଭିଭାବକ ଦୀପ୍ତି ରାଉତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱ କୀର୍ତ୍ତିମାନ: ଦୁଇ ଘଣ୍ଟାରୁ କମ୍ ସମୟରେ ମାରାଥନ ଅତିକ୍ରମ କଲେ କେନିଆ ଧାବକ

ଲଣ୍ଡନ: କେନିଆ ଧାବକ ସେବାଷ୍ଟିଆନ୍ ସାଓ୍ୱେଙ୍କ ନାମ କ୍ରୀଡ଼ା ଇତିହାସରେ ଲିପିବଦ୍ଧ ହୋଇଯାଇଛି। ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ମାରାଥନ୍ ଅତିକ୍ରମ କରିବାରେ ସେ ବିଶ୍ୱର ପ୍ରଥମ ଧାବକ ହୋଇଛନ୍ତି। ଲଣ୍ଡନ ମାରାଥନ୍‌କୁ ସେ ୧ ଘଣ୍ଟା ୫୯ ମିନିଟ୍ ୩୦ ସେକେଣ୍ଡରେ ଅତିକ୍ରମ କରି ନିଜ ଟାଇଟେଲ୍ ବଜାୟ ରଖିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଥିଓପିଆର ୟୋମିଫ୍ କେଜେଲ୍‌ଚା ମଧ୍ୟ ଏହି ମାରାଥନ୍‌କୁ ୧ ଘଣ୍ଟା ୫୯ ମିନିଟ୍ ୪୧ ସେକେଣ୍ଡରେ ପୂରଣ କରିଥିଲେ। ଅର୍ଥାତ୍ ପ୍ରଥମ ଓ ଦ୍ୱିତୀୟ ଧାବକ ମାରାଥନ୍‌କୁ ୨ ଘଣ୍ଟାରୁ କମ ସମୟରେ ପୂରଣ କରିଛନ୍ତି। ତୃତୀୟ ସ୍ଥାନରେ ରହିଥିବା ଉଗାଣ୍ଡାର ଜାକବ୍ କିପ୍‌ଲିମୋ ୨.୦୦.୨୮ରେ ମାରାଥନ ଦୂରତ୍ୱ ଅତିକ୍ରମ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ତିନିଜଣ ଧାବକ ୨୦୨୩ରେ କେନିଆର କେଲଭିନ୍ କିପଟମ୍‌ଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ କୀର୍ତ୍ତିମାନ ( ୨.୦୦.୩୫) ଅତିକ୍ରମ କରିଛନ୍ତି।ରୋଚକ କଥା ହେଉଛି ୨୦୧୯ରେ କେନିଆର ଏଲ୍ୟୁଡ୍ କିପ୍‌ଚୋଗେ ମଧ୍ୟ ଦୁଇ ଘଣ୍ଟାରୁ କମ ସମୟରେ ( ୧.୫୯.୪୦) ମାରାଥନ ଅକିକ୍ରମ କରିଥିଲେ। କିନ୍ତୁ ତାହାକୁ ବିଶ୍ୱ ରେକର୍ଡ ବୋଲି ଗ୍ରହଣ କରାଯାଇନଥିଲା। କାରଣ ସେ ସ୍ୱତନ୍ତ୍ର ଜୋତା ପିନ୍ଧିଥିଲେ, ତାହା ଏକ ମୁକ୍ତ ପ୍ରତିଯୋଗିତା ନଥିଲା ଓ ମାରାଥନ ପ୍ରତିଯୋଗିତାର ଧାର୍ଯ୍ୟ ନିୟମକୁ ପାଳନ କରାଯାଇନଥିଲା।




## ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ୨୦% ଜରିମାନା ଓ ଗୋଟିଏ ଡିମେରିଟ ପଏଣ୍ଟ !

କୋଲକାତା, ୨୭।୪: ରବିବାର ଆଇପିଏଲର ୩୮ ତମ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡ଼ର୍ସ ଏକ ରୋମାଞ୍ଚକର ସୁପର ଓଭରରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ 'ଅବଷ୍ଟ୍ରକ୍ଟିଙ୍ଗ ଦ ଫିଲ୍ଡ' ଅର୍ଥାତ ପଡିଆରେ ଫିଲ୍ଡିଂକୁ ବାଧା ଦେବା ଚେଷ୍ଟାରେ ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ଆଉଟ ଘୋଷଣା କରିଥିଲେ ତୃତୀୟ ଅମ୍ପାୟାର । ଏହା ପରେ ରଘୁବଂଶୀଙ୍କ 'ଆକ୍ରମଣାତ୍ମକ' ପ୍ରତିକ୍ରିୟା ପାଇଁ ତାଙ୍କୁ ମ୍ୟାଚ୍ ଫିସର ୨୦ ପ୍ରତିଶତ ଜରିମାନା ଲାଗୁ ହେବା ସହ ଗୋଟିଏ ଡିମେରିଟ ମଧ୍ୟ ମିଳିଛି ।ମ୍ୟାଚ୍‌ର ପ୍ରଥମ ଇନିଂସର ପଞ୍ଚମ ଓଭରରେ ଏଭଳି ଏକ ସ୍ଥିତି ଦେଖିବାକୁ ମିଳିଥିଲା । ପ୍ରିନ୍ସ ଯାଦବଙ୍କ ଓଭରର ଶେଷ ବଲରେ ସିଂଗିଲ ନେବାକୁ ଚେଷ୍ଟା କରୁଥିଲେ ରଘୁବଂଶୀ, ବଲ ଫିଲ୍ଡରଙ୍କ ହାତରେ ଥିବାରୁ କ୍ରିଜକୁ ଫେରିଯିବାବେଳେ ନିଜ ମାର୍ଗ ପରିବର୍ତ୍ତନ କରିଥିଲେ ଓ ବଲ ଆସି ତାଙ୍କ ଶରୀରରେ ବାଜିଥିଲା । ଲକ୍ଷ୍ନୌ ଆବେଦନ କ୍ରମେ ତୃତୀୟ ଅମ୍ପାୟାର ଏହି ଘଟଣା ପୁନର୍ବାର ଦେଖିବା ସହ ରଘୁବଂଶୀଙ୍କୁ ଆଉଟ ଘୋଷଣା କରିଥିଲେ । ଏହି ସମୟରେ ନିରାଶ ହୋଇ ପଡ଼ିଆରୁ ଫେରୁଥିବାବେଳେ ରଘୁବଂଶୀ ଆକ୍ରମଣାତ୍ମକ ଢଙ୍ଗରେ ବାଉଣ୍ଡ୍ରି କୁଶନକୁ ମାରିଥିଲେ ଓ ସମାନ ଢଙ୍ଗରେ ତାଙ୍କ ହେଲମେଟକୁ ଡଗ୍ ଆଉଟ୍ ଭିତରକୁ ଫୋପାଡ଼ିଥିଲେ । ରଘୁବଂଶୀଙ୍କ ଏଭଳି ଆଚରଣ ପାଇଁ ତାଙ୍କୁ ଆଇପିଏଲ ନିୟମଧାରା ୨.୨ ଅନୁଯାୟୀ ମ୍ୟାଚ୍ ଫିସର ୨୦ ପ୍ରତିଶତ ଜରିମାନା ଲାଗୁ ହେବା ସହ ଗୋଟିଏ ଡିମେରିଟ ମଧ୍ୟ ମିଳିଛି ।

## ଲମ୍ବା ଆଇପିଏଲ୍ ମ୍ୟାଚ୍ ନେଇ ଗାଭାସ୍କରଙ୍କ ଚିନ୍ତା

ମୁମ୍ବାଇ, ୨୭।୪: ଆଇପିଏଲ୍ ମ୍ୟାଚ୍ ଗୁଡ଼ିକ ଲମ୍ବା ହୋଇଯାଉଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତି ବ୍ୟାଟର୍ ସୁନୀଲ ଗାଭାସ୍କର। ପଡ଼ିଆ ମଧ୍ୟରେ ଅଯଥା ଅନାବଶ୍ୟକ ଲୋକଙ୍କୁ ପ୍ରବେଶ କରିବା ଉପରେ କଠୋର କଟକଣା ଲାଗୁ କରିବାକୁ ସେ ପରାମର୍ଶ ଦେଇଛନ୍ତି।୩ ଘଣ୍ଟା ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଶେଷ କରିବାକୁ ଟ୍ୱେଣ୍ଟି-୨୦ର ପରିକଳ୍ପନା କରାଯାଇଥିଲା। ଏପରିକି ସିଏସ୍‌କେ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏକ ମ୍ୟାଚ୍ ୪ ଘଣ୍ଟା ୨୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପୁଣି ବିନା ସୁପରଓଭରରେ ଏହି ମ୍ୟାଚ୍‌ଟି ଏତେ ଲମ୍ବା ଚାଲିଥିଲା। ଏ ନେଇ ଗାଭାସ୍କର କହିଛନ୍ତି ଯେ ବିସିସିଆଇ ଏଥିରେ ହସ୍ତକ୍ଷେପ କରିବା ସହ ଠିକ୍ ସମୟରେ ମ୍ୟାଚ୍ ଶେଷ କରିବା ନେଇ କଡ଼ା ନିର୍ଦ୍ଦେଶ ଜାରି କରିବା ଉଚିତ୍। ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ୍ ଓ ପଡ଼ିଆରେ ଖେଳାଳି ଓ ଅମ୍ପାୟାରଙ୍କ ବ୍ୟତୀତ ଅନ୍ୟମାନଙ୍କ ଅନାବଶ୍ୟକ ପ୍ରବେଶକୁ ଦୂର କରାଯିବା ଉଚିତ୍।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ